ଆଜି - ସୋମବାର
ତାରିଖ - ୧୮ ମଇ ୨୦୨୬
ମାସ - ବୃଷ, ଦିନ - ୦୪
ତିଥି - ଦ୍ୱିତୀୟା, ପକ୍ଷ- ଶୁକ୍ଳ
ନକ୍ଷତ୍ର - ରୋହିଣୀ, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୪: ୦୦
ସୂର୍ଯ୍ୟାସ୍ତ - ୬ : ୧୨ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ବିଶ୍ୱରେ ଏତେ ପରିମାଣରେ ଲୋକମାନେ ଭୋକିଲା ରହିଛନ୍ତି ଯେ ସେମାନଙ୍କ ପାଇଁ ଖାଦ୍ୟ ହିଁ କେବଳ ଈଶ୍ୱର, ଆଉ କେହି ନୁହନ୍ତି ।"

- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 34 R.N.I. REGD. No. 44026/86 ବାଲେଶ୍ୱର ୧୮ ମଇ ୨୦୨୬ ସୋମବାର BALASORE 18 MAY 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଦେଶର ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି । ରାଷ୍ଟ୍ରପତି 'ସୁପ୍ରିମ କୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧାଦେଶ ୨୦୨୬ ଜାରି କରିଛନ୍ତି, ଯାହା ଅଧୀନରେ ସୁପ୍ରିମକୋର୍ଟରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରାଯାଇଛି । ଏଥିରେ ଭାରତର ମୁଖ୍ୟ ବିଚାରପତି ସାମିଲ ହେବେ ନାହିଁ । ଏହି ନିଷ୍ପତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୁପ୍ରିମକୋର୍ଟରେ ବଢୁଥିବା ମାମଲାଗୁଡ଼ିକର ବକେୟା ହ୍ରାସ କରିବା ଏବଂ ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବା । ଏନେଇ କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି, "ଏବେ ମୁଖ୍ୟ ବିଚାରପତିଙ୍କୁ ମିଶାଇ ମୋଟ ୩୮ ଜଣ ବିଚାରପତି ରହିବେ । ରାଷ୍ଟ୍ରପତି ସୁପ୍ରିମକୋର୍ଟ ସଂଶୋଧନ ଅଧାଦେଶ, ୨୦୨୬ ପ୍ରଣୟନ କରି ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୩୮କୁ ବୃଦ୍ଧି କରୁଛନ୍ତି ।" ମୋଦିଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ମେ' ୫ ତାରିଖରେ ଭାରତୀୟ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିବା ପାଇଁ ସୁପ୍ରିମକୋର୍ଟ ସଂଶୋଧନ ବିଲ, ୨୦୨୬ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲା । ସରକାରଙ୍କ ଅନୁଯାୟୀ, ସୁପ୍ରିମକୋର୍ଟର ବର୍ଦ୍ଧିତ କାର୍ଯ୍ୟଭାର ଏବଂ ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି । ନ୍ୟାୟିକ ଶକ୍ତି ବୃଦ୍ଧି ଦ୍ୱାରା ମାମଲାର ସମାଧାନରେ ଦକ୍ଷତା ବୃଦ୍ଧି ପାଇବା ଏବଂ ଶୁଣାଣିରେ ବିଳମ୍ବ ହ୍ରାସ ପାଇବା ଆଶା କରାଯାଉଛି । ଭାରତର ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ ଏକ ଆଇନ ପ୍ରଥମେ ୧୯୫୬ ମସିହାରେ ପ୍ରଣୟନ କରାଯାଇଥିଲା । ସେବେଠାରୁ, ନ୍ୟାୟପାଳିକାର ବର୍ଦ୍ଧିତ ଚାହିଦା ଅନୁଯାୟୀ ବିଚାରପତିଙ୍କ ଅନୁମୋଦିତ ସଂଖ୍ୟାକୁ ଅନେକ ଥର ସଂଶୋଧନ କରାଯାଇଛି । ଶେଷ ଥର ପାଇଁ ୨୦୧୯ ରେ ସୁପ୍ରିମକୋର୍ଟର କ୍ଷମତା ବୃଦ୍ଧି କରାଯାଇଥିଲା, ଯେତେବେଳେ ସଂସଦ ସୁପ୍ରିମକୋର୍ଟ ସଂଶୋଧନ ଆଇନ, ୨୦୧୯ ମାଧ୍ୟମରେ ଭାରତର ମୁଖ୍ୟ ବିଚାରପତିଙ୍କୁ ବାଦ ଦେଇ ବିଚାରପତିଙ୍କ ସଂଖ୍ୟା ୩୩କୁ ବୃଦ୍ଧି କରିବା ପାଇଁ ଆଇନ ସଂଶୋଧନ କରିଥିଲା । ସଦ୍ୟତମ ସଂଶୋଧନ ଅଧାଦେଶ ସହିତ, ସୁପ୍ରିମକୋର୍ଟର ମୋଟ ମଞ୍ଜୁରୀପ୍ରାପ୍ତ ବିଚାରପତିଙ୍କ ସଂଖ୍ୟା ଏବେ ୩୮କୁ ବୃଦ୍ଧି ପାଇବ, ଯେଉଁଥିରେ ଭାରତର ମୁଖ୍ୟ ବିଚାରପତି ମଧ ସାମିଲ ଅଛନ୍ତି ।

## ଦିନିକିଆ ଗସ୍ତ ଶେଷ କରି ସିକ୍କିମରୁ ଫେରିଲେ ଉପ ରାଷ୍ଟ୍ରପତି



ଗ୍ୟାଙ୍ଗଟକ : ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ସିକିମରେ ତାଙ୍କର ଦିନିକିଆ ସରକାରୀ ଗସ୍ତ ଶେଷ କରି ଫେରିଛନ୍ତି । ରାଜ୍ୟର ୫୧ତମ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ଉପରାଷ୍ଟ୍ରପତି ଶନିବାର ଦିନ ସିକିମରେ ପହଂଚିଥିଲେ । ଆଜି ସକାଳେ ଲୋକ ଭବନରୁ ବାହାରିବା ପୂର୍ବରୁ ଉପରାଷ୍ଟ୍ରପତି ପୁରୁଣା ଲୋକ ଭବନ ପରିସରରେ ରୋଡୋଡେଣ୍ଡ୍ରନ୍ (ଲାଲିଗୁରାନ୍) ର ଏକ ଚାରା ରୋପଣ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଓମ ପ୍ରକାଶ ମାଥୁର ଏବଂ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ମଧ ଉପସ୍ଥିତ ଥିଲେ । ଖରାପ ପାଗ କାରଣରୁ ଉପରାଷ୍ଟ୍ରପତି ଜାତୀୟ ରାଜପଥ ୧୦ଏ ଦେଇ ବାଗଡୋଗରା ବିମାନବନ୍ଦର (ପଶ୍ଚିମବଙ୍ଗ) ଅଭିମୁଖେ ଯାତ୍ରା କରିଛନ୍ତି । ସିକିମକୁ ଏହା ତାଙ୍କର ପ୍ରଥମ ସରକାରୀ ଗସ୍ତ ଥିଲା । ଶନିବାର ଦିନ ରାଜଧାନୀର ମନନ କେନ୍ଦ୍ରରେ ଆୟୋଜିତ ୫୧ ତମ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଉପରାଷ୍ଟ୍ରପତି ଯୋଗ ଦେଇଥିଲେ । ସେ ବିଭିନ୍ନ ପ୍ରମୁଖ ବିକାଶ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଥିଲେ ଏବଂ ରାଜ୍ୟରେ ସଂଯୋଗ, ଶିକ୍ଷା, ପର୍ଯ୍ୟଟନ ଏବଂ ଜନସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପର ଉଦଘାଟନ କରିଥିଲେ । ଆଜି ସକାଳେ ଉପରାଷ୍ଟ୍ରପତିଙ୍କ ପ୍ରସ୍ଥାନ ପୂର୍ବରୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ବିଧାନସଭା ବାଚସ୍ପତି, ମନ୍ତ୍ରୀ ପରିଷଦର ସଦସ୍ୟ, ଲୋକସଭା ସାଂସଦ ଇନ୍ଦ୍ର ହଙ୍ଗ ସୁବ୍ବା, ମୁଖ୍ୟ ସଚିବ ଆର. ତେଲଙ୍ଗ ଏବଂ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଲୋକ ଭବନରେ ଥିଲେ ।

## ନେଦରଲ୍ୟାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନେଦରଲ୍ୟାଣ୍ଡ : ଦୁଇ ପ୍ରଧାନମନ୍ତ୍ରୀ ଭାରତ-ନେଦରଲ୍ୟାଣ୍ଡ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ଆଲୋଚନା କରିଛନ୍ତି । ସହଭାଗୀ ମୂଲ୍ୟବୋଧ ଏବଂ ବିଶ୍ୱାସକୁ ପ୍ରତିଫଳିତ କରିବା ସହିତ ଦୁଇ ଦେଶ ମଧ୍ୟରେ ଅଭିବୃଦ୍ଧି ଏବଂ ସହଯୋଗ ବୃଦ୍ଧି କରି, ନେତାମାନେ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ 'ରଣନୈତିକ ସହଭାଗୀତା'କୁ ଉନ୍ନୀତ କରିବାକୁ ନିଷ୍ପତି ନେଇଛନ୍ତି । ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ଉଦୀୟମାନ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି, ସାମୁଦ୍ରିକ କ୍ଷେତ୍ର, ନବୀକରଣଯୋଗ୍ୟ ଶକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ଏକ ମହତ୍ୱାକାଂକ୍ଷୀ "ରଣନୈତିକ ସହଭାଗୀତା ରୋଡମ୍ୟାପ୍" ଗ୍ରହଣ କରିବାକୁ ମଧ ସେମାନେ ସହମତ ହୋଇଥିଲେ । ବ୍ୟବସାୟ, ନିବେଶ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ସହଭାଗୀତା ବିସ୍ତାର କରିବା ଉପରେ ଧ୍ୟାନ ଦେଇ, ନେତାମାନେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ଅଭିବୃଦ୍ଧି କାହାଣୀ ଦ୍ୱାରା ଉପସ୍ଥାପିତ ସୁଯୋଗ ଡଚ୍ କମ୍ପାନୀଗୁଡ଼ିକୁ ପ୍ରତିଶ୍ରୁତିପୂର୍ଣ୍ଣ ବ୍ୟବସାୟିକ ସମ୍ଭାବନା ପ୍ରଦାନ କରେ । ନିରନ୍ତର ଉଚ୍ଚସ୍ତରୀୟ ଆଦାନ-ପ୍ରଦାନ ଦ୍ୱାରା ପ୍ରେରିତ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ନେଇ ଉଭୟ ନେତା ସନ୍ତୋଷ ପ୍ରକାଶ କରିଥିଲେ । ଜଳ, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗର ଗୁରୁତ୍ୱକୁ ଉଲ୍ଲେଖ କରି ସେମାନେ ବୃହତ୍ ପରିସରର ଜଳ ପ୍ରକଳ୍ପଗୁଡ଼ିକରେ ସହଯୋଗ ମାଧ୍ୟମରେ ଜଳ କ୍ଷେତ୍ରରେ



ରଣନୀତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବାକୁ ସମ୍ମତି ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ଗବେଷଣା, ଡିଜିଟାଲ ସ୍ୱାସ୍ଥ୍ୟ, କୃଷି ଏବଂ ଖାଦ୍ୟ ସୁରକ୍ଷା ସମେତ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ବିସ୍ତାର ପାଉଥିବା ସହଯୋଗକୁ ମଧ ଦୁଇ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ । ଆଲୋଚନା ସମୟରେ, ନେତାମାନେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ସମ୍ପର୍କକୁ ବିସ୍ତାର କରିବାକୁ ଗୁରୁତ୍ୱ ଦେଇଥିଲେ । ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ପରିବର୍ତନକାରୀ ସମ୍ଭାବନାକୁ ସ୍ୱୀକାର କରି, ସେମାନେ ଏହାର ଶୀଘ୍ର ସ୍ୱାକ୍ଷର ଏବଂ କାର୍ଯ୍ୟାନ୍ୱୟନ ପାଇଁ ଆହ୍ୱାନ କରିଥିଲେ । ସେମାନେ ଏହା ମଧ ଦୃଢ଼ କରିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥରେ ଭାରତ-ନେଦରଲ୍ୟାଣ୍ଡ ସହଯୋଗ ସ୍ଥିର ଯୋଗାଣ ଶୃଙ୍ଖଳକୁ ସମର୍ଥନ କରିବ । ଦୁଇ ନେତା ଏଆଇ ଏବଂ-ସେମିକଣ୍ଡକ୍ଟର ସମେତ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଅଧିକ ସହଯୋଗ ପାଇଁ ମଧ ଆହ୍ୱାନ କରିଥିଲେ । ସେମାନେ ଦୁଇ ଦେଶର ଯୁବକମାନଙ୍କୁ ସାମିଲ କରି ହାକାଥନ୍ ଆୟୋଜନକୁ ମଧ ଉତ୍ସାହିତ କରିଥିଲେ । ନବୀକରଣ ଶକ୍ତିରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ, ସେମାନେ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସବୁଜ ହାଇଡ୍ରୋଜେନ୍, ଜୈବ ଇନ୍ଧନ, ସବୁଜ ପରିବହନ ଏବଂ ସାମୁଦ୍ରିକ ଲଜିଷ୍ଟିକ୍ସରେ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

## ଅଳ୍ପରେ ଖବର

▸ ଦୀର୍ଘ ସମୟ ଧରି ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ରବିବାର ଦିନ ମାଲକାନଗିରି ଜିଲ୍ଲାରେ ଏକ ପରିବେଶ-ନିୟନ୍ତ୍ରିତ କୁକୁଡ଼ା ଫାର୍ମରେ ତିନି ଘଂଟା ମଧ୍ୟରେ ୫୩୦୦ ରୁ ଅଧିକ କୁକୁଡ଼ାଙ୍କ ଜୀବନ ଯାଇଛି ।

▸ ସାଧାରଣ ପରିବହନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାଜ୍ୟ ସରକାରଙ୍କ 'ଆମ ବସ' ସେବାରେ ନିୟୋଜିତ ଥିବା ଡ୍ରାଇଭର ଓ କର୍ମଚାରୀମାନେ ଅଚାନକ ଆନ୍ଦୋଳନକୁ ଓହ୍ଲାଇବା ଯୋଗୁଁ ସହରରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି ।

▸ ଖୁବଶୀଘ୍ର ପ୍ରକାଶ ପାଇବ ଯୁକ୍ତ ୨ ରେଜଲ୍ଟ । ଆସନ୍ତା ୨ ଦିନରେ ଘୋଷଣା ହେବ ତାରିଖ । ଏନେଇ ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ପ୍ରକାଶ ପାଇବ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ।

▸ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରବିବାର ଦିନ ଆଜି ନିମାପଡ଼ାର ଟାଉନ୍‌ହଲ୍ରେ ବିଭିନ୍ନ ପ୍ରକଳ୍ପ ଅଧୀନରେ କାର୍ଯ୍ୟାଦେଶ ବଂଟନ କରିଛନ୍ତି । ଏହି ଅବସରରେ ୩୧ଟି ମହିଳା ସମିତି ଗୃହ ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ।

## ବିଶ୍ୱ ଦୂରସଂଚାର ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ଦୂରସଂଚାର ଏବଂ ସୂଚନା ସମାଜ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ସଂଯୋଗ ବ୍ୟବସ୍ଥାର ଶକ୍ତି ସମାଜ ଓ ସମୁଦାୟର ଜୀବନରେ ସକାରାତ୍ମକ ପରିବର୍ତନ ଆଣୁଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡିଜିଟାଲ ପ୍ରଯୁକ୍ତି ଓ ସୂଚନା ସେବା ଲୋକମାନଙ୍କୁ ସଶକ୍ତ କରିବା ସହିତ ଉନ୍ନତିର ନୂତନ ସୁଯୋଗ ମଧ ପ୍ରଦାନ କରୁଛି । ସେ କହିଛନ୍ତି ଯେ, ଓଡ଼ିଶା ସରକାର ସମସ୍ତ ନାଗରିକଙ୍କ ପାଇଁ ସମାବେଶୀ ଏବଂ ଡିଜିଟାଲ ଭାବେ ସଂଯୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧ । ଏହି ଅବସରରେ ସେ ରାଜ୍ୟରେ ଡିଜିଟାଲ ପହଂଚ ଓ ପ୍ରଯୁକ୍ତିଗତ ସଶକ୍ତିକରଣକୁ ଆହୁରି ସୁଦୃଢ କରିବା ପାଇଁ ସଂକଳ୍ପକୁ ଦୋହରାଇଛନ୍ତି ।

## ଅହମ୍ମଦାବାଦରେ ମିଲିୟନ୍ ମାଇଣ୍ଡସ୍ ଟେକ୍ ପାର୍କକୁ ଉଦ୍‌ଘାଟନ କଲେ ଅମିତ ଶାହ




ଅହମ୍ମଦାବାଦ : କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହା ରବିବାର ଦିନ ଅହମ୍ମଦାବାଦରେ 'ମିଲିୟନ୍ ମାଇଣ୍ଡସ୍ ଟେକ୍ ପାର୍କ' ଏବଂ 'ଗଣେଶ ରିଅଲ୍ ଇଷ୍ଟେଟ୍ ମ୍ୟାନେଜମେଂଟ ଇନଷ୍ଟିଚ୍ୟୁଟ୍'କୁ ଉଦଘାଟନ କରି କହିଛନ୍ତି ଯେ ଯେପରି ଗୁଜରାଟ ସ୍ୱାଧୀନତା ପରଠାରୁ ଦେଶକୁ ଦିଗ ଦେଇଛି, ସେହିପରି ଗୁଜରାଟ ବର୍ତମାନ ଟେକ୍ନୋଲୋଜି ଏବଂ ନବସୃଜନ କ୍ଷେତ୍ରରେ ସମଗ୍ର ଦେଶକୁ ନେତୃତ୍ୱ ଦେବ । ଅମିତ ଶାହ କହିଥିଲେ ଯେ ଗୁଜରାଟୀମାନଙ୍କ ସ୍ୱଭାବରେ ବିକାଶ ଏବଂ ପ୍ରଗତି ନିହିତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗୁଜରାଟ ଆଉ କେବଳ ଉତ୍ପାଦନ ଆଧାରିତ ରାଜ୍ୟ ହୋଇ ରହିବ ନାହିଁ, ବରଂ ସେବା, ଜ୍ଞାନ ଏବଂ ଆଧୁନିକ ପ୍ରଯୁକ୍ତି ଆଧାରିତ ଅର୍ଥବ୍ୟବସ୍ଥାର ଏକ ବିଶ୍ୱସ୍ତରୀୟ କେନ୍ଦ୍ର ହେବ । ସେ କହିଥିଲେ ଯେ ଆଜି ଆରମ୍ଭ ହୋଇଥିବା ଦୁଇଟି ଯାକ ପ୍ରକଳ୍ପ ରାଜ୍ୟର ଯୁବକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବ ଏବଂ ଗୁଜରାଟକୁ ନୂତନ ଶିଖରରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସେ କହିଥିଲେ ଯେ ଏହି ବୈଷୟିକ ସହରକୁ ଅହମ୍ମଦାବାଦ-ଗାନ୍ଧୀନଗର ଉଚ୍ଚ-ଅଭିବୃଦ୍ଧି କ୍ଷେତ୍ରରେ ପାଖାପାଖି ୬୫ ଏକର ଅଂଚଳରେ ବିକଶିତ କରାଯାଉଛି, ଯେଉଁଠାରେ ଉଚ୍ଚସ୍ତରୀୟ କାର୍ଯ୍ୟାଳୟ, ଆବାସିକ ସୁବିଧା, ବ୍ୟବସାୟିକ କମ୍ପ୍ଲେକ୍ସ ଏବଂ ଆତିଥ୍ୟ ସେବାର ବିକାଶ କରାଯିବ । ଏହି ପ୍ରକଳ୍ପ ଜରିଆରେ ୭୦ ହଜାରରୁ ଅଧିକ ଯୁବକଯୁବତୀ ଉଚ୍ଚ ଦକ୍ଷତା ସମ୍ପନ୍ନ ନିଯୁକ୍ତି ପାଇବାର ସମ୍ଭାବନା ରହିଛି ।

## ଜୁନ୍ ୭ରେ ଓଡ଼ିଶା ସିଭିଲ ସର୍ଭିସ୍ ପ୍ରିଲିମ୍

କଟକ : ଓଡ଼ିଶା ପବ୍ଲିକ ସର୍ଭିସ କମିଶନ (ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ ପ୍ରିଲିମିନାରି ପରୀକ୍ଷା-୨୦୨୫ର କାର୍ଯ୍ୟସୂଚୀ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ଜୁନ୍ ୭ ତାରିଖ (ରବିବାର) ଏହି ପରୀକ୍ଷା ୨ଟି ପର୍ଯ୍ୟାୟରେ ହେବ । ଓଡ଼ିଶାର ୬ଟି ଜୋନ୍ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଜୟପୁର ଓ ସମ୍ବଲପୁରରେ ପରୀକ୍ଷା କରାଯିବା ପାଇଁ ପ୍ରସ୍ତୁତି ହୋଇଛି । ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ (ପେପର-୧) ଓ ଅପରାହ୍ନ ୧.୩୦ରୁ ଅପରାହ୍ନ ୩.୩୦ ଯାଏ ଜେନେରାଲ ଷ୍ଟଡିଜ୍ (ପେପର-୨) ପରୀକ୍ଷା ହେବ । ପେପର-୧ ପରୀକ୍ଷା ପାଇଁ ୧୦୦ଟି ବହୁବିକଳ୍ପ ଉତରବିଶିଷ୍ଟ ଅବଜେକ୍ଟିଭ ପ୍ରଶ୍ନ ଓ ପେପର-୨ ପରୀକ୍ଷା ପାଇଁ ୮୦ଟି ବହୁବିକଳ୍ପ ଉତରବିଶିଷ୍ଟ ଅବଜେକ୍ଟିଭ ପ୍ରଶ୍ନ ପରୀକ୍ଷାରେ ଆସିବ । ପରୀକ୍ଷାର୍ଥୀମାନେ ଓଏମ୍ ?ଆର ଶିଟ୍‌ରେ ପେପର-୧ ପାଇଁ କୋଡ୍ ୦୧ ଏବଂ ପେପର-୨ ପାଇଁ କୋଡ୍ ୦୨ ଲେଖିବେ । ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କ ପାଇଁ ଉଭୟ ପେପର ପରୀକ୍ଷାରେ ଅଧିକ ୪୦ ମିନିଟ୍ ଲେଖାଏ ସମୟ ଦିଆଯିବ । ପରୀକ୍ଷାର୍ଥୀମାନଙ୍କ ପ୍ରବେଶ ପତ୍ର ଓ ନିର୍ଦ୍ଦେଶାବଳୀ କମିଶନ୍ ୱେବସାଇଟ୍ ଙଙଙ.ଙ୍କକ୍ରଙ୍ଗମ.ଶଙ୍କଙ୍ଗ.ସଭରେ ଆସନ୍ତା ମେ' ୩୦ରୁ ଉପଲବ୍ଧ ହେବ ବୋଲି କମିଶନ୍ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ।

## ବେଙ୍ଗାଲୁରୁ-ମୁମ୍ବାଇ ଏକ୍ସପ୍ରେସର ଶୁଭାରମ୍ଭ କଲେ ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ : କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁ-ମୁମ୍ବାଇ ମଧ୍ୟରେ ଏକ ଏକ୍ସପ୍ରେସ ଟ୍ରେନକୁ ଭର୍ଚୁଆଲ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହା କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ଶ୍ରୀ ବୈଷ୍ଣବ କହିଥିଲେ ଯେ ଦକ୍ଷିଣ ଏବଂ ଉତର କର୍ଣ୍ଣାଟକର ଦୀର୍ଘ ଦିନରୁ ପଡ଼ି ରହିଥିବା ଦାବି ଏବେ ପୂରଣ କରାଯାଉଛି । ଏହାଛଡା ସେ ଘୋଷଣା କରିଥିଲେ ଯେ ବେଙ୍ଗାଲୁରୁ ଏବଂ ମୁମ୍ବାଇ ମଧ୍ୟରେ ବନ୍ଦେ ଭାରତ ସ୍ଲିପର ସେବା ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଭିତିଭୂମି ବିକାଶ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ନିକଟ ଅତୀତରେ ରେଳବାଇ ପାଣ୍ଠିରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯାହା ସମଗ୍ର କର୍ଣ୍ଣାଟକରେ ପ୍ରକଳ୍ପ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିଛି । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୨,୧୬୦ କୋଟି ଟଙ୍କା ବ୍ୟୟରେ ୬୧ଟି ଷ୍ଟେସନର ପୁନଃ ବିକାଶ କରାଯାଉଛି, ଯେଉଁଥିରେ ୯ଟି ସମ୍ପୂର୍ଣ୍ଣ ହୋଇସାରିଛି । ବେଙ୍ଗାଲୁରୁ କ୍ୟାଂଟନମେଂଟ ଷ୍ଟେସନକୁ ୪୮୫ କୋଟି ଟଙ୍କା ଏବଂ ଯଶବନ୍ତପୁର ଷ୍ଟେସନକୁ ୩୬୭ କୋଟି ଟଙ୍କାରେ ପୁନଃ ବିକାଶ କରାଯାଉଛି । ୨୦୧୪ ମସିହାରୁ କର୍ଣ୍ଣାଟକରେ ପ୍ରାୟ ୧,୭୫୦ କିଲୋମିଟର ନୂତନ ରେଳ ଲାଇନ ନିର୍ମାଣ କରାଯାଇଛି, ଏବଂ ହାସନ-ମାଙ୍ଗାଲୁରୁ ସେକ୍ସନରେ ବିଦ୍ୟୁତକରଣ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ପରୀକ୍ଷଣ ଚାଲିଛି । ବେଙ୍ଗାଲୁରୁ ଉପନଗରୀୟ ରେଳ ପ୍ରକଳ୍ପ ସମ୍ପର୍କରେ ସେ କହିଥିଲେ ଯେ ସମସ୍ତ ଚାରୋଟି କରିଡରରେ କାର୍ଯ୍ୟ ଆଗେଇ ଚାଲିଛି । ବାଇୟପ୍ପନହଲ୍ଲି-ଚିକ୍କବାନାଭାରା ଏବଂ ହିଲାଲିଗେ-ରାଜନୁକୁଂଟେ କରିଡର ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି ଏବଂ ବର୍ତମାନ ଷ୍ଟେସନ କାର୍ଯ୍ୟ ଚାଲିଛି । କେ.ଏସ୍.ଆର୍. ବେଙ୍ଗାଲୁରୁ-ଦେବାନାହଲ୍ଲୀକୁ ରାଜ୍ୟ ସରକାର ଏବଂ ରେଳବାଇ ମିଳିତ ଭାବେ ଅନୁମୋଦନ କରିଛନ୍ତି ଏବଂ ଭୂ-ବୈଷୟିକ ସର୍ବେକ୍ଷଣ ସମ୍ପୂର୍ଣ୍ଣ ହୋଇଛି । ନିକଟରେ କେଙ୍ଗେରୀ-ହ୍ୱାଇଟଫିଲ୍ଡ ଲାଇନକୁ ମଞ୍ଜୁରୀ ମିଳିଛି ଏବଂ ଖୁବ୍ ଶୀଘ୍ର ସର୍ଭେ କାର୍ଯ୍ୟ ଆରମ୍ଭ ହେବ ।

## ରାଜ୍ୟରେ ଇଭି ଚାର୍ଜିଂ ଷ୍ଟେସନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଛି

ଭୁବନେଶ୍ୱର : ଦେଶରେ ତେଲ ସଙ୍କଟ ଆଶଙ୍କା ଭିତରେ ବ୍ରହ୍ମପୁର ସହରରେ ପେଟ୍ରୋଲ ପମ୍ପ ଗୁଡ଼ିକରେ ଗହଳି ହେଉଛି । ଗାଡ଼ିରେ ତେଲ ପକାଇବାକୁ ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି । ଏହାର ପ୍ରଭାବ ଏବେ ଇଲେକ୍ଟ୍ରିକ ଗାଡ଼ି ବଜାର ଉପରେ ପଡ଼ିଛି । ସହରରେ ଇଭି ଗାଡ଼ିର ଚାହିଦା ବଢୁଥିବା ବେଳେ ଚାର୍ଜିଂ ପଏଂଟ ଅଭାବ ବଡ଼ ସମସ୍ୟା ହୋଇଛି । ତେବେ ସରକାର ପକ୍ଷରୁ ରାଜ୍ୟରେ ଫାଷ୍ଟ ଚାର୍ଜିଂ ଷ୍ଟେସନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଇଥିବା କହିଛନ୍ତି ମନ୍ତ୍ରୀ । ତେଲ ସଙ୍କଟ ଆଶଙ୍କା ଲୋକଙ୍କ ଚିନ୍ତା ବଢ଼ାଇଛି । ଏହାରି ଭିତରେ ଏବେ ଇଭି ଗାଡି କିଣିବାକୁ ଲୋକଙ୍କ ଆଗ୍ରହ ବଢୁଛି । ପୂର୍ବ ଅପେକ୍ଷା ବ୍ରହ୍ମପୁର ସହରରେ ବେଟେରି ଚଳିତ ଦୁଇଚକିଆ ଓ ଚାରିଚକିଆ ଗାଡ଼ିର ଚାହିଦା ବଢ଼ିଥିବା କହୁଛନ୍ତି ସୋ'ରୁମ ମାଲିକ । ଦୈନିକ ବିଭିନ୍ନ ସୋ'ରୁମରେ ଶହେରୁ ଅଧିକ ଇଭି



ଗାଡ଼ି ବୁକିଂ ହେଉଥିବା ଜଣାପଡ଼ିଛି । କିନ୍ତୁ ସବୁଠୁ ବଡ଼ ସମସ୍ୟା ହେଉଛି ଚାର୍ଜିଂ ବ୍ୟବସ୍ଥା । ସହରରେ ଫାଷ୍ଟ ଚାର୍ଜିଂ ପଏଂଟ ନଥିବାରୁ ଲୋକେ ଘରେ ଗାଡ଼ି ଚାର୍ଜ କରିବାକୁ ବାଧ ହେଉଛନ୍ତି । କେବଳ କିଛି ସୋ'ରୁମରେ ଚାର୍ଜିଂ ସୁବିଧା ରହିଛି । ସେପଟେ ଇଭି ଗାଡ଼ି ବ୍ୟବହାରକୁ ସରକାର ମଧ ଗୁରୁତ୍ୱ ଦେଉଛନ୍ତି । ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିଜେ ମଧ ଇଭି ଗାଡ଼ି ବ୍ୟବହାର କରୁଥିବା କହିଛନ୍ତି । ଇଭି ଗାଡ଼ି ଚଳାଇବା ଫଳରେ ଦେଶର ଅର୍ଥନୀତି ମଜଭୁତ ହେବା ସହ ପେଟ୍ରୋଲ ଉପରେ ନିର୍ଭରଶୀଳତା କମିବ ବୋଲି ସେ କହିଛନ୍ତି । ସରକାରଙ୍କ ପକ୍ଷରୁ ଗୋଟିଏ ଘରୋଇ ସଂସ୍ଥାକୁ ଫାଷ୍ଟ ଚାର୍ଜିଂ ଷ୍ଟେସନ ଲଗାଇବା ପାଇଁ ଟେଣ୍ଡର ଦିଆଯାଇଛି । ଏବେ ସୁଦ୍ଧା ରାଜ୍ୟରେ ୨୫ରୁ ୩୦ଟି ସ୍ଥାନରେ ଚାର୍ଜି ପଏଂଟ ଥିବା ବେଳେ ଆଗାମୀ ଦିନରେ ୧୯୨ଟି ସ୍ଥାନରେ ଫାଷ୍ଟ ଚାର୍ଜିଂ ଷ୍ଟେସନ ସ୍ଥାପନ ହେବ ବୋଲି ମନ୍ତ୍ରୀ କହିଛନ୍ତି ।ତେଲ ସଙ୍କଟ ଭିତରେ ଇଭି ଗାଡି ପ୍ରତି ଲୋକଙ୍କ ଆକର୍ଷଣ ବଢୁଥିଲେ ମଧ ଚାର୍ଜିଂ ବ୍ୟବସ୍ଥା ଅଭାବ ବଡ଼ ଚ୍ୟାଲେଞ୍ଜ ହୋଇଛି । ଏଭଳି ସ୍ଥିତିରେ ସରକାରଙ୍କ ଯୋଜନା କେତେ ଶୀଘ୍ର କାର୍ଯ୍ୟକାରୀ ହେଉଛି ତାହା ଉପରେ ସମସ୍ତଙ୍କ ନଜର ।



# ବାଲେଶ୍ୱର ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘଷୋଣା




ବାଲେଶ୍ୱର(ନି.ପ୍ର.) : ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ କୃଷକମୋର୍ଚ୍ଚା ଜିଲ୍ଲା ସଭାପତି ଏକ ପ୍ରେସ ବିବୃତିରେ ତାଙ୍କର ପୂର୍ଣ୍ଣାଙ୍ଗ ଟିମ୍ ଘୋଷୋଣା କରିଛନ୍ତି । ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲା କୃଷକମୋର୍ଚ୍ଚା ସଭାପତି ତାପସ କୁମାର ମହାନ୍ତି ୬ଜଣ ଉପସଭାପତି ୨ଜଣ ସାଧାରଣ ସମ୍ପାଦକ ୬ଜଣ ସମ୍ପାଦକ ଜଣେ କୋଷାଧକ୍ଷ ୧୫ ଜଣ କାର୍ଯ୍ୟକାରୀଣି ସଦସ୍ୟ ଓ ୩୩ ଜଣ ମଣ୍ଡଳ ସଭାପତିଙ୍କ ସମେତ ୬ଜଣ ପ୍ରକୋଷ୍ଠ ସଂଯୋଜକ ଯଥା ଗଣମାଧମ,ସାମାଜିକ ଗଣ ମାଧମ, ଆଇଟି ସେଲ୍ ର ସଂଯୋଜକ ଓ ସହ ସଂଯୋଜକ ଙ୍କ ନାମ ଘୋଷୋଣା କରିଛନ୍ତି । ଏହି ପ୍ରେସ ବିବୃତିରେ କୃଷକମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ମହାନ୍ତି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ଶେଖର ପାଢୀ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ଟିମ୍ ଗଠନ କରିବାରେ ସହଯୋଗ ଓ ସହମତି ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଆଗାମୀ ଦିନରେ କୃଷକ ମୋର୍ଚ୍ଚାର ଆଭିମୁଖ୍ୟ ବିଷୟରେ ସେ କହିଥିଲେ । ତତ୍ସହିତ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଆଗାମୀ ୧୯ ଓ ୨୦ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପଣ୍ଡିତ ଦିନ ଦୟାଲ ଉପାଧାୟ ପ୍ରଶିକ୍ଷିଣ ଶିବିର ବିଷୟରେ ସମସ୍ତ ଗଣମାଧମ ବନ୍ଧୁ ମାନଙ୍କୁ ଆମନ୍ତ୍ରଣ କରିଥିଲେ, ଅନ୍ୟ ମାନଙ୍କ ମଧ୍ଯରେ ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବୈରାଗୀ ଚରଣ ବେହେରା, ଜିଲ୍ଲା ଗଣ ମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଜିଲ୍ଲା କୃଷକ ମୋର୍ଚ୍ଚା ଗଣମାଧମ ସଂଯୋଜକ ମହେଶ ମଲ୍ଲିକ୍ ପ୍ରମୁଖ ମଂଚାସୀନ ଥିଲେ ।

# ମାଧବ ସେବାରେ ଯୋଗଦେଲେ ୨୦୦୦ଶ୍ରଦ୍ଧାଳୁ



ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ବାଲିଆ ସ୍ଥିତ ନୁଆସାହି ରାଧାକୃଷ୍ଣ ଜୀଉ ମନ୍ଦିର କମିଟି ଓ ଅଂଚଳ ବାସୀଙ୍କ ମିଳିତ ସହଯୋଗରେ ନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ମହା ସମାରୋହରେ ଶୁଭାରମ୍ଭ ହୋଇଛି । ଆଜି ଏହି ଉତ୍ସବର ପ୍ରଥମ ଦିବସରେ ୧୦୮ କଳସ ଯାତ୍ରା, ଅଧିବେସନ ଓ ହୋମଯଜ୍ଞ ନାମ ସଂକୀର୍ତନ କାର୍ଯ୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ରେମୁଣା ବିଧାୟକ ତଥା ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଅତିଥି ଭାବେ ଯୋଗ ଦେଇ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ବାଲିଆ ସରପଂଚ ନିତାଇ ଚରଣ ଦାସ ଙ୍କ ସହ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ ।ସନ୍ଧ୍ୟାରେ ନାମ ସଂକୀର୍ତନ କାର୍ଯ୍ଯକ୍ରମରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।ନାମ ସଂକୀର୍ତନ ଓ ଯଜ୍ଞ ଦ୍ୱାରା ଏକ ଭକ୍ତି ଭାବମୟ ପରିବେଶ ସୃଷ୍ଟି ହୋଇଥିଲା ।

ଆସନ୍ତା କାଲି ରବିବାର ଦ୍ୱିତୀୟ ଦିବସରେ ମହାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ହୋଇଥିବା ବେଳେ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବା ନେଇ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ବାର୍ଷିକ ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସଭାପତି ଆଇନଜୀବି ହରେକୃଷ୍ଣ ଦାସ ଓ ସମ୍ପାଦକ ନିତ୍ୟାନନ୍ଦ ସାମଲଙ୍କ ସମେତ ସମସ୍ତ କର୍ମକର୍ତା ଓ ଅଂଚଳ ବାସୀ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଛନ୍ତି । ଏହି ଉତ୍ସବକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆଗମନ ହେବା ସହ ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ଠାରେ ପୂଜା ଅର୍ଚ୍ଚନା କରିବା ସହିତ ଆଶ୍ରିତ କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତଗଣ ଯୋଗ ଦେଇଥିଲେ ।

# ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ





ବାଲେଶ୍ୱର(ନି.ପ୍ର.) : ୧୭ ତାରିଖ ପୂର୍ବାହ୍ନରେ ସମାଜସେବୀ ଶୁଭମ୍ ସାହି ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଚେରୀଗଡ଼ାଣ ସ୍ଥିତ ପୁରାତନ ହୋଟେଲ ଫାଂଟାସି ପରିସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ, ବସ୍ତା ବିଧାୟିକା ସୁବାସିନୀ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ଅଜୟ ସାମଲ, ବରିଷ୍ଠ କାଉନସିଲର ସତ୍ୟଶିବ ସୁନ୍ଦର ଦାସ, ଇନ୍ତେଖାବ ଅଲ୍ଲୀଖାଁ, କାଉନସିଲର ରଂଜିତା ମହାପାତ୍ର, ବରିଷ୍ଠ ଆଇନଜୀବୀ ସାଇରୁଲ ହକ, ସିମନ ଦାସ ମହାପାତ୍ର, ଜିଲ୍ଲା ରକ୍ତ ଭଣ୍ଡାର କାର୍ଯ୍ୟାଳୟର ଡାକ୍ତର ବସନ୍ତ ଉପାଧ୍ୟାୟ ଏବଂ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେଇ ଥାଲସେମିଆ ରୋଗୀ ଓ ରକ୍ତର ଆବଶ୍ୟକତା ଥିବାଯୋଗୁଁ ବର୍ତମାନ ପ୍ରଚଣ୍ଡ ରୌଦ୍ରତାପ ହେଲେ ମଧ୍ୟ ରକ୍ତଦାନ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସ୍ୱେଚ୍ଛାକୃତ ରକ୍ତଦାତା ଯୋଗଦେଇ ରକ୍ତଦାନ କରିଥିଲେ । ପ୍ରକାଶଯେ, ଦିନକୁ ଦିନ ବାଲେଶ୍ୱରରେ ରକ୍ତହୀନତା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଫଳରେ ଜିଲ୍ଲାର ୧୨ଟି ବ୍ଲକରୁ ଦୈନନ୍ଦିନ ଦାରିଦ୍ର୍ୟ ସୀମାରେଖାତଳେ ବାସ କରୁଥିବା ରକ୍ତହୀନତା ପୀଡ଼ିତ ରୋଗୀ ସଦର ମହକୁମାକୁ ଆସୁଛନ୍ତି ।

# ଅବ୍ୟବସ୍ଥା ଘେରରେ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଆବେଦନ ପତ୍ର

ବାଲେଶ୍ୱର,(ନି.ପ୍ର.) ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି । ଏପରିକି ସେମାନଙ୍କୁ ଟ୍ରାଇସାଇକେଲ ଠାରୁ ଆରମ୍ଭ କରି ଭତା ମଧ୍ୟ ପ୍ରଦାନ କରାଯାଉଛି । ହେଲେ ସେଇ ଭିନ୍ନକ୍ଷମ ବ୍ୟକ୍ତିମାନେ ଏବେ ବହୁ କଷ୍ଟରେ ରହୁଛନ୍ତି । କିଛି ଭିନ୍ନକ୍ଷମମାନଙ୍କର ଭତା ବନ୍ଦ ହୋଇଯାଇଥିବା ବେଳେ ଆଉ କିଛି ବ୍ୟକ୍ତିମାନେ ବର୍ତମାନ ପର୍ଯ୍ୟନ୍ତ ସେମାନଙ୍କର ଅନଲାଇନ ପ୍ରମାଣପତ୍ର ପାଇପାରୁ ନାହାନ୍ତି । ଯାହାଫଳରେ ସେମାନେ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଅନ୍ୟପଟେ ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ବୋର୍ଡରେ ରହିଥିବା ପ୍ରମାଣପତ୍ରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ପ୍ରମାଣପତ୍ର ଦେବାକୁ ଡେରି କରୁଛନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲାରେ । ବର୍ତମାନ ସୁଦ୍ଧା ଜିଲ୍ଲା ଭିନ୍ନକ୍ଷମ ବୋର୍ଡରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର୧୮ହଜାରରୁ ଅଧିକ ଆବେଦନ ପତ୍ର ରହିଥିବା ବେଳେ ସେମାନଙ୍କୁ ତାହା ପ୍ରଦାନ କରାଯାଉ ନାହିଁ । ସୂଚନା ଅନୁସାରେ,ଭିନ୍ନକ୍ଷମମାନଙ୍କୁ ସବୁ ପ୍ରକାର ସହଯୋଗ କରାଯିବା ପାଇଁ ରହିଛି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ । ଏହି ବିଭାଗ ଦ୍ୱାରା ସେମାନଙ୍କୁ ପ୍ରମାଣପତ୍ର ସହ ଭତା ଛଡା ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦିଆଯାଇଥାଏ । ଏପରିକି ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ବୋର୍ଡରୁ ସେଇ ବ୍ୟକ୍ତିମାନଙ୍କୁ ଏହି ପ୍ରମାଣପତ୍ର ମିଳିଲେ ଯାଇ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହଯୋଗ କରିଥାଆନ୍ତି । ତେବେ ଜିଲ୍ଲାରେ ବିଭିନ୍ନ ବ୍ଲକରେ ଭିନ୍ନକ୍ଷମ ଶିବିରମାନ କରାଯାଇ ସେମାନଙ୍କୁ ପ୍ରମାଣପତ୍ର ଯୋଗାଇଦିଆଯାଇଥାଏ । ତେବେ ଜିଲ୍ଲାରେ ବର୍ତମାନ ସୁଦ୍ଧା ୯୩ହଜାର୧୫୯ଜଣ ହିତାଧିକାରୀ ଆବେଦନ କରିଥିବା ବେଳେ ସେଥିମଧ୍ୟରୁ ୫୯ହଜାର ୨୯୬ଜଣଙ୍କୁ ଏହି ପ୍ରମାଣପତ୍ର ମିଳିଛି । ଏହାବ୍ୟତି ବିଭିନ୍ନ କାରଣରୁ୧୫ହଜାର୬୦ଜଣଙ୍କର ଆବେଦନପତ୍ର ନାକଚ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ୧୮ହଜାର ୮୦୩ଜଣ ହିତାଧିକାରୀଙ୍କ ଆଦେବନପତ୍ର ପଡି ରହିଛି । ଯାହାକୁ କି ଜିଲ୍ଲା ଭିନ୍ନକ୍ଷମ ବୋର୍ଡ କରୁନାହିଁ । ଏହି ୧୮ହଜାର ୮୦୩ଜଣ ଆବେଦନକାରୀଙ୍କ ମଧ୍ୟରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ୭ହଜାର ଆବେଦନ ପତ୍ର ଜିଲ୍ଲା ବୋର୍ଡରେ ଝୁଲି ରହିଛି । ଅନ୍ୟପଟେ ଦେଖିବାକୁ ଗଲେ୨୦୨୫-୨୬ରେ ଜିଲ୍ଲାର ବିଭିନ୍ନ ବ୍ଲକରେ୧୮ଟି ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଛି । ଏପରିକି ଗୋଟିଏ ଶିବିରରୁ ପାଖାପାଖି ୧୫ଶହରୁ ୨ହଜାର ପର୍ଯ୍ୟନ୍ତ ଆବେଦନପତ୍ର ଆସିଥାଏ । ସେଥିରେ ରହିଛି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ।




ଏପରିକି ବର୍ତମାନ ପର୍ଯ୍ୟନ୍ତ ସେଇ ଯୋଜନାରେ ୭ହଜାର ହିତାଧିକାରୀଙ୍କ ଆବେଦନ ପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଠାରେ ପଡି ରହିଛି । ଅନ୍ୟପଟେ ଯେଉଁ ଭିନ୍ନକ୍ଷମମାନେ ଏହି ପ୍ରମାଣପତ୍ର ବର୍ତମାନ ପର୍ଯ୍ୟନ୍ତ ପାଇ ପାରି ନାହାନ୍ତି ସେମାନେ ଭତା,ଚାକିରି,ଘର,ବିବାହ ପ୍ରୋତ୍ସାହନ ରାଶି ଆଦି ବିଭିନ୍ନ ପ୍ରକାର ସେବାରୁ ପାଇବାରେ ବଂଚିତ ହେଉଛନ୍ତି । ପୂର୍ବରୁ ମେନୁଆଲ ଭାବେ ଭିନ୍ନକ୍ଷମମାନଙ୍କୁ ଯେଉଁ ପ୍ରମାଣ ପତ୍ର ମିଳୁଥିଲା ସେଇ ଅନୁସାରେ ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ କାଯାଉଥିଲା । ହେଲେ ବର୍ତମାନ ଡିଜିଟାଲ ପ୍ରମାଣପତ୍ର ଯେଉଁ ହିତାଧିକାରୀମାନଙ୍କର ନାହିଁ ସେମାନେ ଭତା ପାଇବାରୁ ବଂଚିତ ହେଉଛନ୍ତି । ଅନ୍ୟପଟେ ଭୀମଭୋଇ ଯୋଜନାରେ ୪୦ରୁ ୭୦ପ୍ରତିଶତ ରହିଥିବା ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରାଯାଉଥିବା ବେଳେ ୮୦ପ୍ରତିଶତରୁ ଅଧିକ ହିତାଧିକାରୀଙ୍କୁ ୩୫ଶହ ଟଙ୍କା ପ୍ରଦାନ କରାଯାଉଛି । ତେବେ ଭତା ବନ୍ଦ ଥିବା ହିତାଧିକାରଙ୍କୁ ଭତା ପ୍ରଦାନ କରାଯିବା ନେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ,ଯେଉଁ ଭିନ୍ନକ୍ଷମ ବ୍ୟକ୍ତିଙ୍କର ୟୁଜର ଆଇଡି ପ୍ରମାଣପତ୍ର ରହିଛି(ଯାହାକି ୪୦ପ୍ରତିଶତରୁ ଅଧିକ) ତାକୁ ବନ୍ଦ କରିବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ କିମ୍ବା ଜିଲ୍ଲାପାଳଙ୍କ ଠାରୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ । ତେବେ ଜିଲ୍ଲା ସ୍ତରୀୟ ଭିନ୍ନକ୍ଷମ ବୋର୍ଡରେ ସେମାନଙ୍କ ଆବେଦନ ପତ୍ର ରହିଛି ତାହାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯାଂଚ କରି ପ୍ରମାଣପତ୍ର ପ୍ରଦାନ କରିବା କଥା ବୋଲି କହିଛନ୍ତି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ସୁଶାନ୍ତ କୁମାର ନାୟକଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ,ଭୀମଭୋଇ ଭିନ୍ନକ୍ଷମ ଯୋଜନାରେ ବର୍ତମାନ ସୁଦ୍ଧା ୭ହଜାର ଆବେଦନ ପତ୍ର ରହିଛି । ଗୋଟିଏ ଦିନରେ ୪୦ଟି ପ୍ରମାଣପତ୍ର କଢ଼ାଯାଉଛି । ଏପରିକି ଜଣେ କର୍ମଚାରୀ ଗୋଟିଏ ଆଇଡିରୁ ହିଁ କାଢୁଛନ୍ତି । ଏପରିକି ଗତ ଜାନୁଆରୀ ମାସ ଠାରୁ ଆସିଥିବା ଆବେଦନ ପତ୍ରର ପ୍ରମାଣ ପତ୍ର ବର୍ତମାନ ସୁଦ୍ଧା କରାଯାଇ ନାହିଁ । ଏନେଇ ଜିଲ୍ଲାପାଳଙ୍କ ସହ ରାଜ୍ୟକୁ ମଧ୍ୟ ଜଣାଯାଇଛି ବୋଲି କହିଛନ୍ତି ।

# ମୂଲ୍ୟବାନ ସମ୍ପତି ପାଇଁ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ



ବାଲେଶ୍ୱର(ନି.ପ୍ର.) : ସହଦେବଖୁଂଟା ଥାନା ଅନ୍ତର୍ଗତ ଭାସ୍କରଗଂଜ(କ) ଅଂଚଳର ମା' ନର୍ସିଂହୋମ ଗଳି ପରିସରରୁ ଜଣେ ଯୁବକ ଆସୁଥିବା ବେଳେ ଆଜି ପୂର୍ବାହ୍ନରେ ହଠାତ୍ ୩ଜଣ ଯୁବକ ପଛପଟୁ ପ୍ରାଣାନ୍ତକ ଆକ୍ରମଣ କରିବା, ତେଲେଙ୍ଗା କଟୁରି ସାହାଯ୍ୟରେ ପିଠିର ମେରୁଦଣ୍ଡ ହାଡ଼କୁ ଭାଙ୍ଗିବା, ପାପୁଲି ହାଣିବା ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକ ଜଣକ ରାସ୍ତାରେ ପଡ଼ିଯାଇ ଚିତ୍କାର କରୁଥିବା ବେଳେ ହଠାତ୍ ସ୍ଥାନୀୟ ଅଂଚଳର ବାସିନ୍ଦାମାନେ ଘେରିଯିବାରୁ ୩ ଆକ୍ରମଣକାରୀ ଘଟଣାସ୍ଥଳରୁ ଆଖି ପିଛୁଳାକେ ଉଭାନ ହୋଇଯାଇଥିଲେ । ପରେ ଯୁବକ ଜଣକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳକୁ ନିଆଯାଇଥିଲା । ଖବରରୁ ପ୍ରକାଶଯେ, ରାକେଶ ସାହା ନାମକ ଜଣେ ଯୁବକ ପ୍ରାଣନ୍ତକ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି । ସେ ଗଣମାଧ୍ୟମକୁ ସୂଚନା ଦେଇ କହିଚନ୍ତିକି ସୁଏଲପୁରୁ ଅଂଚଳର ଏକ ମୂଲ୍ୟବାନ ସମ୍ପତିକୁ ହଡ଼ପ କରିବା ପାଇଁ ଏହି ଯୁବକମାନେ ଆକ୍ରମଣ କରିଥିଲେ । କାରଣ ଏହି ସମ୍ପତିକୁ ନେଇ ତାଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଛି । ଆକ୍ରମଣକାରୀଙ୍କ ମଧ୍ୟରେ ସୁଏଲପୁର ଅଂଚଳର ଜଣେ ବାରିକ ନାମକ ଯୁବକ ଥିବା ଅଭିଯୋଗ ହୋଇଛି ।

# ବାଲେଶ୍ୱରରେ ଏନ୍‌କାଉଂଟର କେବେ ?

ବାଲେଶ୍ୱର(ନି.ପ୍ର.) : ସମ୍ପ୍ରତି ବାଲେଶ୍ୱର ଜିଲ୍ଲା ଶିକ୍ଷା,ସ୍ୱାସ୍ଥ୍ୟ, ପାନ, ଧାନ, ମୀନ ସବୁ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ ରାଜ୍ୟରେ ଗ୍ରହଣ କରିଥିବା ବେଳେ ଏବେ ଲୁଟ୍. ଛିନତାଇ, ମାଦକଦ୍ରବ୍ୟ, ବ୍ୟବସାୟ, କୋକିନ୍, ଚୋରା ସାମଗ୍ରୀ ଚାଲାଣ, ରାତ୍ରୀଚରଙ୍କ ଅସାମାଜିକ କାର୍ଯ୍ୟ ଦିନକୁ ଦିନ ଅତି ମାତ୍ରାରେ ବୃଦ୍ଧି ପାଇଛି । ଏମିତିକି ଏବେମଧ୍ୟ ସାଢ଼େ ୩ହଜାରରୁ ଉର୍ଦ୍ଧ୍ୱ ଅପରାଧିଙ୍କ ନାମରେ ୱାରେଂଟଥିବା ବେଳେ ସେମାନଙ୍କୁ କାଁ ଭାଁ ଗିରଫ କରାଯାଇ କୋହଳ ଦଫା ମାଧ୍ୟମରେ ୩/୪ଦିନ ମଧ୍ୟରେ ଛାଡି ଦିଆଯାଉଛି । ଯାହାଫଳରେ ସେମାନେ ଜେଲରୁ ଆସି ଧର୍ତବ୍ୟ ଅପରାଧ ସୃଷ୍ଟି କରିବାରେ କେବେବି ପଛାଉନାହାଁନ୍ତି । ଏସବୁ କାଣ୍ଡ କାରଖାନା କେତେକ ଆଇନଜୀବୀ ଓ ପୋଲିସ ବାହିନୀର ସୁରକ୍ଷା କର୍ମୀଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଯୋଗୁଁ ଜିଲ୍ଲାବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଦିନ ଦ୍ୱିପ୍ରହରରେ ଧର୍ତବ୍ୟ ଅପରାଧ ଦିନକୁ ଦିନ ଘଟିଚାଲିଛି । ଏଣେ ରାଜ୍ୟରେ ଡିଜି ମହୋଦୟ ଏନକାଉଂଟର କରିବା ପାଇଁ ୱାରେଂଟି ମାନଙ୍କ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ହେଁ ବାଲେଶ୍ୱରର ଏହି ନିର୍ଦ୍ଦେଶନାମା କେବେ କାର୍ଯ୍ୟକାରୀ ହେବ ଏବେ ସହରବାସୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । କାରଣ ଜଣେ ଦୁଇଜଣଙ୍କୁ ଏନକାଉଂଟର କରାଗଲେ କ୍ରମଶଃ ଏହାର ପ୍ରଭାବ ଅପରାଧୀଙ୍କ ଉପରେ ନିଶ୍ଚିତ ରୂପେ ଫଳପ୍ରଦ ହେବ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି ।

# ଜିଲ୍ଲା ସମେତ ସହରରେ ସମ୍ପନ୍ନ ହେଲା ସାବିତ୍ରୀ ଅମାବାସ୍ୟା

ବାଲେଶ୍ୱର,(ନି.ପ୍ର.) ବାଲେଶ୍ୱର ଜିଲ୍ଲଶ ସମେତ ସହରରେ ପବିତ୍ର ସାବିତ୍ରୀ ଅମାବାସ୍ୟା ଦିବସ ପାଳିତ ହୋଇଯାଇଛି । ହିନ୍ଦୁ ପରିବାରରେ ଏହା ଏକ ମୁଖ୍ୟ ଆଧ୍ୟାତ୍ମିକ ଭାବଧାରାକୁ ନେଇ ମହିଳାମାନେ ପୂଜାର୍ଚ୍ଚନା କରିଥିବା ବେଳେ ନିଜର ସ୍ୱାମୀର ମଙ୍ଗଳ କାମନା ମନାସି ଆଜି ବିଭିନ୍ନ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା କରି ଦୀର୍ଘଜୀବନୀ କାମବନା କରିଛନ୍ତି । ବାଲେଶ୍ୱର ଜିଲ୍ଲା ସମେତ ସହରର ଟାଉନଥାନା ଅନ୍ତର୍ଗତ ଦାମୋଦରପୁର, ତ୍ରୈୟମ୍ବକେଶ୍ୱର ମନ୍ଦିର, ଜଗନ୍ନାଥ ମନ୍ଦିର, ବାଲିଘାଟ, ମଣ୍ଡଳବଜାର, ଝାଡ଼େଶ୍ୱର ମନ୍ଦିର, ଲୋକନାଥ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର ତଥା ସହରର ବିଭିନ୍ନ ଦେବା ଦେବୀ ମନ୍ଦିରରେ ପ୍ରତ୍ୟୁଷରୁ ମହିଳାମାନେ ବ୍ରତଧାରଣ କରି





ନୂତନ ବସ୍ତ୍ର ପରିଧାନ କରିବା ସହ ଉପବାସ ରଖିଥିଲେ । ପୂଜାର୍ଚ୍ଚନା ପରେ ସ୍ୱାମୀଙ୍କ ପାଦଧରି ଆର୍ଶୀବାଦ ନେବା ସହ ସେମାନଙ୍କ ଦୀର୍ଘଜୀବନୀ କାମନା କରିଥିଲେ । ବିଭିନ୍ନ ମନ୍ଦିରରେ ବ୍ରାହ୍ମଣମାନେ ଆଜିର ଦିବସରେ ମାଲେମାଲ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ସର୍ବନିମ୍ନ ଦକ୍ଷିଣା ୫୦ଟଙ୍କାରୁ ଆରମ୍ଭ ହୋଇଥିଲା । ଫଳମୂଳ କଥା କହିଲେ ନସରେ । ଯାହାହେଉନା କାହିଁକି ଏହା ହିନ୍ଦୁ ଧର୍ମର ଏକ ପବିତ୍ର ଆଧ୍ୟାତ୍ମିକ ଭାବଧାରାରେ ଏହି ବ୍ରତ ଧାରଣ କରିଥିଲେ ମହିଳାମାନେ । ପୁରାଣ ବର୍ଣ୍ଣିତ ଏକଦା ଯମ ମୁହଁରୁ ପ୍ରତିବ୍ରତା ନାରୀ ନିଜର ସ୍ୱାମୀଙ୍କ ଜୀବନ ବଂଚାଇ ଆଣିଥିବା ଯୋଗୁଁ ଏହା ଅଦ୍ୟାବଧି ଧାର୍ମିକ ପରିବେଶ ମଧ୍ୟରେ ପରିଚାଳିତ ହେଉଛି । ଏହାଛଡ଼ା ଆଜିର ଦିବସରେ ମନ୍ଦିରରେ ପ୍ରତ୍ୟୁଷରୁ ବ୍ରତଧାରଣକାରୀ ମହିଳାଙ୍କ ଭିଡ଼ ପ୍ରବଳ ପରିଲକ୍ଷିତ ହୋଇଥିଲା ।

# ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ




ଯାଜପୁର(ନିପ୍ର): ଆର୍ଟ ଅଫ ଗିଭିଂ ଡେ । ଚଳିତ ବର୍ଷର ଥିମ ରହିଛି ସେୟାର ଟୁ ସାଇନ । କିଟ, କିସ ଓ କଳିଙ୍ଗ ଟିଭିରର ପ୍ରତିଷ୍ଠାତା ତଥା କନ୍ଧମାଳର ପୂର୍ବତନ ସାଂସଦ ପ୍ରଫେସର ଡ଼. ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ଏହି ଦିବସ ଭାରତ ସମେତ ବିଶ୍ୱ ର ଅନେକ ଦେଶ ରେ ୨୦୧୩ ମସିହା ରୁ ପାଳିତ ହୋଇଆସୁଛି । ଚଳିତ ବର୍ଷ ଏହା ୧୩ତମ ସଂସ୍କରଣରେ ପହଂଚିଛି । ଏହିକ୍ରମରେ ଯାଜପୁର ଟାଉନ ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭ୍ବନ ଠାରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି । ସମାଜସେବୀ ବିଜୟ ଧଳଙ୍କ ସଂଯୋଜନା ଓ ଅଧାପକ ଡ଼ ଦାମୋଦର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କଟକ ଭୁଲେଖ ଓ ବନ୍ଦୋବସ୍ତର ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଳିକ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରି ସମସ୍ତଙ୍କ ମଧରେ ସ୍ନେହ, ଶ୍ରଦ୍ଧା ଓ ସଂପ୍ରିତି ଭାବ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସର ରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ଯୋଗ ଦେଇ ବାସ୍ତବ ଜୀବନ ରେ ଆର୍ଟ ଅଫ ଗିଭିଂ କୁ କାର୍ଯ୍ୟରେ ଲଗାଇ ସୁସ୍ଥ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ବିଶିଷ୍ଟ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ ସୁକାନ୍ତ କୁମାର ପାଢୀ, ସମ୍ମାନିତ ଅତିଥି ଭାବେ ଆଧାତ୍ମବାଦୀ ବିମ୍ଧାଧର ଧଳ, ବରିଷ୍ଠ ସମାଜସେବି ସରୋଜ ମହାପାତ୍ର, ସମାଜସେବି ରମେଶ ସାମଲ, ଖରୋସ୍ରୋତା ପୁସ୍ତକ ମେଳା କମିଟି ର ସଭାପତି ପଦ୍ମାକର ଗୁରୁ ପ୍ରମୁଖ ଯୋଗଦେଇ ଚଳିତ ବର୍ଷର ଥିମ ସେୟାର ଟୁ ସାଇନ ଉପରେ ଆଲୋକପାତ କରିବା ସହ କିଟ ଓ କିସର ପ୍ରତିଷ୍ଠାତା ପ୍ରଫେସର ଡ଼ ଅଚ୍ୟୁତ ସାମନ୍ତଙ୍କ ଏହି ପରିକଳ୍ପନା ଓ ମହତ ଉଦ୍ଦେଶ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ କିଟ ଓ କିସ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରିଶେଷରେ କାର୍ଗିଲ ଯୁଦ୍ଧରେ ଲଢିଥିବା ଅବସରପ୍ରାପ୍ତ ସେନାନୀ ରବୀନ୍ଦ୍ର ନାଥ ଜେନା, ବିଏସଇ ନର୍ସିଙ୍ଗରେ ରାଜ୍ୟରେ ଟପ୍ପର ହୋଇଥିବା ବିରଜା ନର୍ସିଙ୍ଗ କଲେଜର ଛାତ୍ରି ସ୍ୱପ୍ନା ସଲୋନି ତ୍ରିପାଠୀ ଏବଂ ଚଳିତ ମ୍ୟାଟ୍ରିକ ପରୀକ୍ଷା ରେ ଜିଲାରେ ପ୍ରଥମ ହୋଇ କୃତିତ୍ୱ ଅର୍ଜନ କରିଥିବା ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ସାହୁ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱୟଂ ଶ୍ରୀ ମହାପାତ୍ର ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଡାହାଣହତା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୃଷ୍ଟୀ ମହାନ୍ତିଙ୍କୁ ଉପସ୍ଥିତ ଅତିଥି ମାନେ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । କଳିଙ୍ଗ ଟିଭିର ପ୍ରତିନିଧି ଅବିନେଶ୍ୱର ଶତପଥୀ କାର୍ଯ୍ୟକ୍ରମର ଉଦେଶ୍ୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ପ୍ରତିନିଧି ଦେବାଶିଷ ସାହୁ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ ଓ ବିଶ୍ୱଜିତ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କିଟ ଓ କିସ ପକ୍ଷରୁ ପିନାୟକ ମହାପାତ୍ର, ରାଜ କିଶୋର ସୁତାର, କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ଚିତ ରଞ୍ଜନ ପରିଡା, ନିରଞ୍ଜନ ସାହୁ, ସଞ୍ଜୟ ବେହୁରିଆ, ପବିତ୍ର କୁମାର ଜେନା ପ୍ରମୁଖ କର୍ମଚାରୀ ମାନେ ପରିଚାଳନାରେ ସକ୍ରିୟ ସହୋଯୋଗ କରିଥିଲେ ।

# ଶ୍ରୀମନ୍ଦିର ଭଉଁରୀ ଯାତ୍ରାରେ ପ୍ରଚାର ସମିତିର ଯୋଗଦାନ



ଭଦ୍ରକ(ନିପ୍ର): ନୀଳାଚଳ କ୍ଷେତ୍ର ପୁରୀରେ ପ୍ରଚଳିତ ଥିବା ଭଉଁରୀ ଯାତ୍ରାରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଦ୍ୱାରା ଅନୁବନ୍ଧିତ ହୋଇଥିବା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପୁରୀ ସହାୟତାରେ ଭଦ୍ରକ ଜିଲ୍ଲାର ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଓ ବାଲେଶ୍ୱର ଜିଲ୍ଲାର ୫ଟି ସଂକୀର୍ତ୍ତନ ମଣ୍ଡଳୀ ପ୍ରଚାର ସମିତିର ମୁଖ୍ୟ ଆବାହକ ଶରତ କୁମାର ସାହୁ ଓ ସହ ଆବାହକ ବାବୁଲାଲ ଦାସ, ରାଜେନ୍ଦ୍ର ପ୍ରସାଦ ଅଗସ୍ତିଙ୍କ ନେତୃତ୍ୱରେ ଭଉଁରୀ ଯାତ୍ରାର ଯୋଗଦାନ କରି ସଂକୀର୍ତ୍ତନ ପରିବେଷଣ କରିଥିଲେ । ଭଦ୍ରକ ସଂକୀର୍ତ୍ତନ ମଣ୍ଡଳୀର ତତ୍ତ୍ୱାବଧାର ଶ୍ରୀ ସୁରେନ୍ଦ୍ର ପ୍ରସାଦ ନାୟକ, ଦୁର୍ଗଚରଣ ନାୟକ, ରତିକାନ୍ତ ନାୟକ ଓ ବାଲେଶ୍ୱର ଜିଲ୍ଲାର ଶ୍ରୀ କୈଳାସ ଚନ୍ଦ୍ର ବେହେରା, ସୁଶ୍ରୀ ଅନ୍ନପୂର୍ଣ୍ଣା ଦାଶ, ସୁକାନ୍ତି ନାୟକ, ଜୟନ୍ତୀ ପୁଥାଳ, କନକଲତା ପୁଥାଳ ଯୋଗଦାନ କରିଥିଲେ ।

# ଏମସିଏଏମ କଲେଜରେ ସଫଳ ଗବେଷକ ମାନଙ୍କୁ ସମ୍ବର୍ଦ୍ଧନା




ବାରିପଦା(ନିପ୍ର): ମୟୂରଭଞ୍ଜ କଲେଜ ଅଫ ଆକାଉଂଟେନ୍ସି ଆଣ୍ଡ ମ୍ୟାନେଜମେଂଟ ପକ୍ଷରୁ ଆଜି କଲେଜ ସମ୍ମିଳନୀ କକ୍ଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ସଫଳ ଗବେଷଣାର୍ଥୀ ମାନଙ୍କ ଉଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି. କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ଼ଃ ସୁଶୀଲ କୁମାର ଦତ ଯୋଗଦେଇ ଗବେଷଣା ହେଉଛି ଜ୍ଞାନର ନୂତନ ଦିଗ ଉନ୍ମୋଚନର ମାଧମ. ଯୁବ ଗବେଷକମାନେ ଆଗାମୀ ସମାଜର ବୈଜ୍ଞାନିକ ଭିତିକୁ ସୁଦୃଢ଼ କରିବେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ପୂର୍ବତନ ଅଧକ୍ଷା ଡ଼ଃ ପୁଷ୍ପରାଣୀ ପାତ୍ର ଯୋଗଦେଇ ଗବେଷଣା କେବଳ ଡିଗ୍ରୀ ପାଇଁ ନୁହେଁ, ସମାଜ ଓ ମାନବଜାତିର କଲ୍ୟାଣ ପାଇଁ ହେବା ଉଚିତ ବୋଲି କହିଥିଲେ. ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଡ଼ଃ ବିଷ୍ଣୁପ୍ରିୟା ହାଁସଦା, ପ୍ରଫେସର ଡ଼ଃ ପି. ସଂଘମିତ୍ରା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗବେଷଣାର ଗୁରୁତ୍ୱ, ଆନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରବନ୍ଧ ପ୍ରକାଶନର ଆବଶ୍ୟକତା ଓ ନୂତନ ପିଢ଼ୀକୁ ଉଚ୍ଚ ଶିକ୍ଷା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ରୂପମଞ୍ଜରୀ ବେହେରା, ଅଧାପକ କିର୍ତୀ କୌଶିକ ନାୟକ, ଅଧାପିକା ଏନ. ବିଜୟ ଲକ୍ଷ୍ମୀ ସ୍ୱାଇଁ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକ କେଶରୀ ପ୍ରସାଦ ମହାନ୍ତି, ପିଜି ଶେଷ ବର୍ଷର ଛାତ୍ରୀ ସୋନାଲି ଓଝା, ସ୍ୱସ୍ତିକା ଦାଶ, ମଧୁମିତା ବେହେରା ଓ ଅଙ୍କିତା ସାହୁଙ୍କୁ ଆନ୍ତର୍ଜାତୀୟ ଜର୍ଣ୍ଣାଲରେ ସେମାନଙ୍କର ଗବେଷଣା ପ୍ରବନ୍ଧ ପ୍ରକାଶ ପାଇଁ ସମ୍ମାନିତ କରାଯାଇ ଥିଲା । ବିଏଏଲଏଲବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିବା ବେଳେ, ଉପାଧକ୍ଷା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ



ଜଳେଶ୍ୱର(ନିପ୍ର): ଉତର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭାରତୀୟ ଜନତା ପାର୍ଟି ଜଳେଶ୍ୱର ନଗର ମଣ୍ଡଳ ପକ୍ଷରୁ ଆଜି ଅପରାହ୍ନ ୫ ଘଟିକା ସମୟରେ ଜଳେଶ୍ୱର ଡାକ ବଙ୍ଗଳା ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବିଶାଳ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଇଣ୍ଡିମେଂଟ ରେ କଂଗ୍ରେସ, ବିଜେଡ଼ି ଆଦି ବିଭିନ୍ନ ଦଳର ନୀତିକୁ ସମାଲୋଚନା କରି ବିଜେଡ଼ି କଂଗ୍ରେସ ମାରିଛି ପଛରୁ ଛୁରୀ ସ୍ଲୋଗାନରେ ପ୍ରକମ୍ପିତ ହୋଇଥିଲା । ଶତାଧିକ ମହିଳା କର୍ମୀ ଏବଂ ସ୍ଥାନୀୟ ନେତୃବୃନ୍ଦ ଏହି ଶୋଭା ଯାତ୍ରାରେ ସାମିଲ ହୋଇ କଂଗ୍ରେସର ମହିଳା ବିରୋଧୀ ଆଭିମୁଖ୍ୟ ବିରୋଧରେ ସ୍ୱର ଉତୋଳନ କରିଥିଲେ । ଦେଶର ପ୍ରଗତି ପାଇଁ ମହିଳା ମାନଙ୍କର ନାରୀ ଶକ୍ତି ବନ୍ଦନ ବିଲ ଦ୍ୱାରା ୩୩ ପ୍ରତିଶତ ନେତୃତ୍ୱ ଦେବା ଅପରିହାର୍ଯ୍ୟ ବୋଲି ବିଜେପି ନେତ୍ରୀମାନେ ମତ ଦେଇଥିଲେ । ପୂର୍ବ ସରକାର ସମୟରେ ମହିଳାମାନଙ୍କ ପ୍ରତି ହୋଇଥିବା ଅବହେଳା ଏବଂ ବିଶ୍ୱାସ ଘାତକତାକୁ ନେଇ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । ଆଗାମୀ ଦିନରେ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ତୀବ୍ର ବିରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦିକା ସୁମତି ଦେ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରୀ, ଜିଲ୍ଲା ସମ୍ପାଦିକା ଦେବଯାନୀ ଅଣ୍ଡିଆ, ନଗର ସଭାପତି ଶିବ ନାରାୟଣ ମହାପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଫାଲ୍ଗୁନି ପାଣିଗ୍ରାହୀ, ତପନ ବିଶ୍ୱାଳ, ଅନନ୍ତ ଦାସ, ସୁମତି ରଣା, ନମିତା ଦାସ, ସୁଭଦ୍ରା ବେହେରା, ଗୀତାଞ୍ଜଳି ବେହେରା, ସୁବାସୀନ ଜେନା, ଶାନ୍ତିଲତାଦତ, ରୁବି ସେନ, ସୁମିତା ବେହେରା, ସତ୍ୟ ନାରାୟଣ କର, ଏକା ଦୁସିପାଳ ପ୍ରମୁଖ ମହିଳା ମୋର୍ଚ୍ଚାର କର୍ମକର୍ତା ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ । ପଦଯାତ୍ରା ଶେଷରେ ବସ ଷ୍ଟାଣ୍ଡରେ ଏକ ପଥପ୍ରାନ୍ତ ସଭା ସେବା ଶହ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶ ପୁତଳିକା ଦାହ କରାଯାଇଥିଲା ।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଖଇରା(ନିପ୍ର): ଖଇରା, ସିମୁଳିଆ ରେ ସେବାକୁ ମୂଳମନ୍ତ୍ର କରି ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଥିବା ଆୟୁଷ୍ମାନ ଫାଉଣ୍ଡେସନର ୭ମ ବାର୍ଷିକ ଉତ୍ସବ ଉପଲକ୍ଷେ ମହାମାୟା ଲାଇଫ ସାଇନ୍ସର ସିଏସଆର ତଥା ଆୟୁଷ୍ମାନ ଫାଉଣ୍ଡେସନ ତଥା ସାଇ ଚକ୍ଷୁ ହସ୍ପିଟାଲ ମାର୍କୋଣା ମିଳିତ ସହଯୋଗ ରେ ଅଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ରବିବାର ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହେଇ ଯାଇଅଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ସିମୁଳିଆ ଭାରପ୍ରାପ୍ତ ଥାନା ଅଧିକାରୀ ଦେବରାଜ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଅଡା ଉଚ୍ଚ ପ୍ରାଥମ ର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁଅଁର, ଧନେଶ୍ୱର ସାହୁ, ଖଇରା ସାମ୍ବାଦିକ ସଂଘ ସଭାପତି ଉତ୍କଳ ବଂଧୁ ପଣ୍ଡା, ସିମୁଳିଆ ସିଆରସିସି ପ୍ରଶାନ୍ତ କୁମାର ବାରିକ ତଥା ଖଇରା ସିମୁଳିଆର ସାମ୍ବାଦିକ ବନ୍ଧୁ ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଉପସ୍ଥିତ ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି, ଗଣମାଧମ ପ୍ରତିନିଧି ଓ ସମସ୍ତ ସାମାଜିକ ସଂଗଠନ ମାନଂକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ତହସିଲ ପରିସରରେ ପୁରୁଣା କ୍ୱାଟର ଭାଙ୍ଗି ସରକାରୀ ସମ୍ପତି ନଷ୍ଟ

ବେତନଟୀ(ନିପ୍ର): ବେତନଟୀ ତହସିଲ କାର୍ଯ୍ୟାଳୟ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପୁରୁଣା କ୍ୱାଟର ଓ କାର୍ଯ୍ୟାଳୟ ଭାଙ୍ଗି କରି ମୂଲ୍ୟବାନ ସମ୍ପତି ନଷ୍ଟ କରାଯିବା ନେଇ ସ୍ଥାନୀୟ ସ୍ତରରେ ବ୍ୟାପକ ଆଲୋଚନା ଆରମ୍ଭ ହୋଇଛି । ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଶିଳାନ୍ୟାସ ହୋଇଥିବା ଏହି ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମେତ ଏକାଧିକ ପୁରୁଣା କ୍ୱାଟର ଜେ.ସି.ପି. ଲଗାଇ ଭଙ୍ଗା ଯାଇଥିଲା । ଏହି ଘରଗୁଡ଼ିକରେ ଲାଗିଥିବା ମୂଲ୍ୟବାନ କାଠ, ଲୁହା ରଡ ଓ ଶହ ଶହ ଏଜବେଷ୍ଟର ସିଟ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ଅଭିଯୋଗ ଉଠିଛି । ପୂର୍ବରୁ ଏପରି ପୁରୁଣା ସାମଗ୍ରୀଗୁଡ଼ିକୁ ଅଫିସ୍ ଷ୍ଟୋରରେ ସଂରକ୍ଷଣ କରାଯାଉଥିବା ନଜୀର ରହିଛି । ଏହା ସହ ଗ୍ରାମ୍ୟ ନିର୍ମାଣ ଉପ ବିଭାଜନର ବେତନଟୀ ସ୍ଥିତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ । ପରିସରରେ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କ ରହିବା କ୍ୱାଟର ମଧ ରହିଛି । ଦିନଥିଲା ଏହି କ୍ୱାଟର ଗୁଡିକ ସବୁ କର୍ମଚାରୀଙ୍କ ବାସସ୍ଥାନ ପାଲଟିଥିଲା । ଏସ. ଡି. ଓ ଙ୍କ କ୍ୱାଟରଟି ପୁରୁଣା ହେବାରୁ ପୁଣି ନୂତନ କ୍ୱାଟର ନିର୍ମାଣ ହେଲା, ତେଣୁ ଏହି କ୍ୱାଟର ଗୁଡିକରେ ଏବେ କେହି ରହିବାତ ଦୂରର କଥା କାର୍ଯ୍ୟାଳୟ ପରିସରରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କ୍ୱାଟର ଓ ଅନ୍ୟ କ୍ୱାଟରଗୁଡ଼ିକ ବର୍ତମାନ ଖାଲି ପଡ଼ିଛି । ସେଗୁଡିକୁ ଶରୀସୃପଙ୍କ ଆଡ୍ଡା ସ୍ଥଳୀ ପାଇଁ ସଂରକ୍ଷିତ ରଖାଯାଇଛି ବୋଲି ଲୋକେ ଆଲୋଚନା କରୁଛନ୍ତି । ତା ସହିତ ନୂତନ କ୍ୱାଟର ନିର୍ମାଣ ହୋଇଥିଲେ ମଧ କେହି ସେଠାରେ ବସ ବାସ କରୁନାହାନ୍ତି ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକେ ଏହାକୁ 'ସରକାର କା ମାଲ୍ ଦରିଆ ମେ ଡାଲ୍' ନୀତି ବୋଲି ଆଖ୍ୟା ଦେଇ ସରକାରୀ ସମ୍ପତିର ଯଥାର୍ଥ ବ୍ୟବହାର ନେଇ ପ୍ରଶ୍ନ ଉଠାଇଛନ୍ତି । ପ୍ରଶାସନିକ ସ୍ତରରୁ ଏ ବିଷୟରେ ସ୍ୱଷ୍ଟୀକରଣ ଓ ତଦନ୍ତ ଦାବି କରାଯାଇଛି ।

# ଝାରସୁଗୁଡ଼ା ପ୍ରିମିୟର କ୍ରିକେଟ ଲିଗ ୨୦୨୬ ଉଦ୍‌ଘାଟିତ



ଝାରସୁଗୁଡା(ନିପ୍ର): ଝାରସୁଗୁଡା-ଝାରସୁଗୁଡ଼ା ସହରରେ ଥିବା ମନମୋହନ ସ୍କୁଲ ପଡିଆରେ ଗତ କାଲି ସନ୍ଧ୍ୟା ୮ଟାରେ ଟି୨୦ ପ୍ରିମିୟର ଲିଗକୁ ଝାରସୁଗୁଡା ବିଧାୟକ ଟଙ୍ଗଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟିତ କରିଛନ୍ତି । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ବ୍ରହ୍ମଗିରୀ ର ପୂର୍ବତନ ବିଧାୟକ ତଥା କ୍ରିକେଟ ଆସୋସିଏସନ ଓଡିଶାର ସଦସ୍ୟ ଲଳିତେନ୍ଦୁ ବିଧ୍ୟାଧର ମହାପାତ୍ର ଯୋଗ ଦେଇ ଖେଳାଳି ମାନଙ୍କ ସହିତ ଉଭୟ ପରିଚିତ ହୋଇ ଥିଲେ । ପ୍ରଥମ ଦିନର ମ୍ୟାଚ ଝାରସୁଗୁଡ଼ା ଅଂଚଳର ଝଣ୍ଡା ଛକ ଲେଜେଣ୍ଡ୍‌ସ ଓ ଗ୍ଲୋବାଲ ଟସ୍କସ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଝଣ୍ଡା ଛକ ଲେଜେଣ୍ଡ୍‌ସ ଟସ୍ ଜିତି ଫିଲଟିଙ୍ଗ କରି ଥିଲେ । ଗ୍ଲୋବାଲ ଟସ୍କସ ସମସ୍ତ ଉଇକେଟ୍ ହରାଇ ୧୪୬ ରନ କରି ଥିଲେ । କିନ୍ତୁ ଗ୍ଲୋବାଲ ଟସ୍କସ ୧୯.୩ ଓଭରରେ ୪ ଉଇକେଟ୍ ହରାଇ ୧୨୬ ରନ କରିବାକୁ ସକ୍ଷମ ହୋଇ ଥିଲେ । ୨୦ ରନ୍ ରେ ଗ୍ଲୋବାଲ ଟସ୍କସ ବିଜୟୀ ହୋଇ ଥିଲା । ପ୍ରଥମ ମ୍ୟାଚ ଝାରସୁଗୁଡା ଟାଉନ ବିରର୍ସ ଓ ଗ୍ଲୋବାଲ ଟସ୍କର୍ସ, ମଧ୍ୟରେ ଦିନ ୩.୩୦ ମିନିଟରେ ହୋଇଛି । ୨ୟ ମ୍ୟାଚ ସନ୍ଧ୍ୟା ୭.୩୦ରେ ମଙ୍ଗଳବଜାର ସୁପରକିଙ୍ଗସ୍ ଓ ଆରିୟାନ ଡି. ସି ମଧ୍ୟରେ ଅନୁଷ୍ଠିତ ହେଉଛି । ଶନିବାର ରବିବାର ଛୁଟିଦିନ ଥିବାରୁ ଦର୍ଶକ ମାନଙ୍କର ପ୍ରବଳ ଭିଡ ଦେଖିବାକୁମିଳି ଥିଲା । ଏହି ପ୍ରିମିୟର ଲିଗରେ ନୁତନ ଟି୨୦ ନିୟମ ଅନୁସାରେ ସମସ୍ତ ମ୍ୟାଚ ଅନୁଷ୍ଠିତ ହେଉଛି । ଖେଳକୁ ଯଶବିନ୍ଦର ସିଂ ଓ ଆଶୁତୋଷ ପାଣି ପରିଚାଳନା କରୁ ଥିବା ବେଳେ ୩ୟ ପରିଚାଳକ ପ୍ରଜ୍ୱଳ ପଟେଲ ରହି ଥିଲେ । ପ୍ରତିକ ୟାଦବ, ୟାସିନ କ୍ୟୁରେସି, ପୁଷ୍କର ରାଜ, ରିଶାବ ସିଂହ, ନଓ୍ୱାଲ ଅଗ୍ରୱାଲ ଓ ଚନ୍ଦ୍ର କିରନ ପ୍ରଭୃତି ଉପସ୍ଥିତ ଥିଲେ ।

**AFFIDAVIT**

I, Kalandi Sahoo, R/o Vill-Chasakhanda Sapuapatana, PO-Khadipada, PS-Dhamnagar, Dist-Bhadrak-756117, Odisha, have changed my minor daughter's name from Josnarani Sahoo to Harapriya Sahoo vide an affidavit sworn before the Executive Magistrate, Dhamnagar dated 11.05.2026. Henceforth, she shall be known as Harapriya Sahoo for all purposes.
Kalandi Sahoo (Father)
"Vill-Chasakhanda, Sapuapatana, Bhadrak

**AFFIDAVIT**

I, Kalpana Rani Mohapatra, D/o Anukul Chandra Mohapatra, Resident of Vill. Niliabag, Po. Srikanthapur, P.S. Town, Dist. Balasore, Pin-756001, Odisha declare by this affidavit No.-3505,dtd.-11.05.2026 that now onwards I shall be known as KALPANA PATRA for all future purposes.











କ୍ରୋଧ ଯେତେବେଳେ ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ଘର ଛାଡ଼ି ପଳାଏ ।

# ଆଜିକାଲି



ଅଅହଂକାରେଣ ମୂଢ଼ାତ୍ମା, ଗୀତାର୍ଥଂ ନୈବ ମନ୍ୟତେ
କୁମ୍ଭୀପାକେଷୁ ପଚ୍ୟେତ, ଯାବତ୍ କଳ୍ପକ୍ଷୟୋ ଭବେତ୍
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ମୂଢ଼ମନା ବ୍ୟକ୍ତି ଗୀତାର ଅର୍ଥକୁ ମାନେ ନାହିଁ, ସେ କଳ୍ପକ୍ଷୟ ହେବା ପର୍ଯ୍ୟନ୍ତ କୁମ୍ଭୀପାକ ନରକରେ ପଡ଼ି ସିଝୁଥାଏ ।

## ତମାଖୁ କବଳରେ ଯୁବପିଢ଼ି

ବର୍ତ୍ତମାନ ନିଶା କବଳରେ ଯୁବଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ କବଳିତ । କେବଳ ସେତିକି ନୁହେଁ ଏଥିରେ ମହିଳାମାନେ ମଧ୍ୟ ସଂଯୁକ୍ତ ହେଲେଣି । ନିଶା ସେବନ କରିକେତେବେଳେ ଜୀବନ ଯେ ମାଟିରେ ମିଶୁଛି ତାହାର କଳନା ନାହିଁ । ବିଡ଼ି, ସିଗାରେଟ୍, ଖଇନି, ଗୁଟଖା ପରି ତମାଖୁ ସେବନ ସମାଜରେ କାୟା ବିସ୍ତାର କଲାଣି । ଏହି ନିଶା କାହାର ଘର ଉଜାଡ଼ି ଦେଉଛି ତ କାହାକୁ ଅକର୍ମଣ୍ୟ କରିବା ସହ ପ୍ରାଣ ମଧ୍ୟ ନେଇ ଯାଉଛି । ଅଳ୍ପ ବୟସର ସ୍ତ୍ରୀ ଓ ପିଲା ଏବଂ ବୃଦ୍ଧ ପିତାମାତାଙ୍କ ଜୀବନ ଯେପରି ବିବାଦ ହୋଇଯାଉଛି । ପୂର୍ବରୁ ବିଷାକ୍ତ ମଦ ପିଇ କେତେକେତେ ଲୋକଙ୍କ ଯେ ଜୀବନ ଚାଲିଯାଉଛି ତାହାର ହିସାବ ନାହିଁ । ନିଶା ଯେ କର୍କଟ ରୋଗର ମୂଳ କାରଣ ଏହା ଜାଣି ମଧ୍ୟ ନିଶାଡ଼ିମାନେ ନିଶା କବଳରୁ ମୁକ୍ତି ପାଇପାରୁ ନାହାଁନ୍ତି । ପ୍ରତିବର୍ଷ ସରକାର ତମାଖୁ ବର୍ଜନ ଦିବସ ପାଳନ କରୁଛନ୍ତି ସତ ମାତ୍ର ଏହାର ପ୍ରଭାବ ଯେପରି କାହାରି ଉପରେ ପଡୁନାହିଁ । ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେ ତଥ୍ୟ ଅନୁଯାୟୀ ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ ୧୯.୯ ପ୍ରତିଶତ ପୁରୁଷ ଏବଂ ୧.୪ ପ୍ରତିଶତ ମହିଳା ଗୁଟ୍‌କା ସେବନ କରୁଥିବା ବେଳେ ଓଡ଼ିଶାରେ ୩୧ ପ୍ରତିଶତ ପୁରୁଷ ଏବଂ ୨୬ ପ୍ରତିଶତ ମହିଳା ଗୁଟ୍‌କା ସେବନ କରୁଛନ୍ତି । ଓଡ଼ିଶା ସରକାର ପୂର୍ବରୁ ଗୁଟ୍‌କା ଓ ପାନମସଲା ପ୍ରସ୍ତୁତି ଓ ବିକ୍ରିକୁ ସଂପୂର୍ଣ୍ଣ ନିଷିଦ୍ଧ କରିଥିଲେ ମଧ୍ୟ ତାହା କେବଳ ନଥିରେ ସୀମିତ । ଗୁଟକା ପ୍ରସ୍ତୁତକାରୀ ଜନତାଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନଦେଇ ଅଧିକ ଲାଭବନ ପାଇଁ ନିଶା ପ୍ରସ୍ତୁତ କରିଚାଲିଛନ୍ତି । ତେବେ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ହିତକୁ ବିଚାର କରି ଗୁଟ୍‌କା ପ୍ରସ୍ତୁତ ଏବଂ ବିକ୍ରି ଉପରେ କଠୋର ଆଇନ ଆଣିବା ସହ ଠିକ୍ ଭାବେ କାର୍ଯ୍ୟକାରୀ କରିବ ପାରିଲେ ଓଡ଼ିଶାରେ ଦେଖାଦେଉଥିବା ମଦ ଓ ନିଶାସେବନ ଜନୀତ ମୃତ୍ୟୁ ଓ ପରିବାର ଅଶାନ୍ତିର ନିଶ୍ଚିତ ଭାବେ ବନ୍ଦ ହୋଇପାରନ୍ତା ।

## ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ

# ସଂଗ୍ରହାଳୟର ଆଧ୍ୟାତ୍ମିକ ମୂଲ୍ୟବୋଧ

ଆଜି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ । ୧୯୭୭ ମସିହାରୁ ପ୍ରତିବର୍ଷ ମଇ ୧୮ ତାରିଖରେ ପାଳିତ ହୋଇ ଆସୁଛି । ସମାଜରେ ସଂଗ୍ରହାଳୟର ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଆନ୍ତର୍ଜାତୀୟ ସଂଗ୍ରହାଳୟ ପରିଷଦ ଅନୁସାରେ, ମାନବ ସଭ୍ୟତାକୁ ମନେ ରଖିବା ପାଇଁ ସଂଗ୍ରହାଳୟ ରେ ଅମୂଲ୍ୟ ସ୍ମାରକଗୁଡ଼ିକ ସୁରକ୍ଷିତ ରଖାଯାଏ । ଏଠାରେ ସ୍ଥାପିତ ପ୍ରତ୍ୟେକ ବସ୍ତୁ ପ୍ରକୃତି ଓ ସାଂସ୍କୃତିକ ସମ୍ପଦଗୁଡ଼ିକୁ ପ୍ରଦର୍ଶିତ କରିଥାଏ । ଅତୀତର ମୂଲ୍ୟବାନ ସ୍ମାରକ ଆଜି ବି ଅନେକ ସ୍ଥାନରେ ଅବହେଳିତ, ଅଲୋଡ଼ା, ଅଖୋଜା ତଥା ନଷ୍ଟ ହୋଇ ଚାଲିଛି । ସେଗୁଡ଼ିକର ଉଦ୍ଧାର ଓ ସୁରକ୍ଷା ନିହାତି ଆବଶ୍ୟକ । ସମସ୍ତେ ମିଳିମିଶି ଏହାକୁ ରକ୍ଷା କରିବା ସହ ଯତ୍ନ ନେବାକୁ ଏହି ଦିବସ ବାର୍ତ୍ତା ଦେଇଥାଏ । ପ୍ରତିବର୍ଷ ମଇ ମାସ ଅଠର ତାରିଖକୁ ବିଶ୍ୱ ସଂଗ୍ରହାଳୟ ଦିବସ ଭାବେ ବିଶ୍ୱବ୍ୟାପୀ ପାଳନ କରାଯାଏ । ପ୍ରତିଟି କ୍ଷେତରେ ଆଜି ସୃଜନର ବିପୁଳ ସମ୍ଭାର ଆମ୍ଭେମାନେ ଦେଖିବାକୁ ପାଉଛୁ । ଯୁଗସ୍ରଷ୍ଟାଙ୍କ ଠାରୁ ସୃଷ୍ଟିର ସେହି ଅମୃତ ସନ୍ତାନ ମଣିଷ ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ବିଭିନ୍ନ କଳାକୃତି, ଆବିଷ୍କାର, ଉଦ୍ଭାବନ, ଅତ୍ୟାଶ୍ଚର୍ଯ୍ୟର ଘଟଣା ପ୍ରବାହର ସମ୍ମିଶ୍ରଣ ହେଉଛି ସଂଗ୍ରହାଳୟ । ବିଶ୍ୱ ଠାରୁ ଭାରତ ବର୍ଷ, ନିଜ କଳାବିମଣ୍ଡିତ ଓଡ଼ିଶା ରାଜ୍ୟ ଠାରୁ ହୀରକ ବିମଣ୍ଡିତ ବୌଦ୍ଧକ୍ଷେତ୍ର ହେଉ ସବୁଠି ଅନନ୍ୟ ଶ୍ରେଷ୍ଠ ଜୀବନ କଳାକୃତିର ସଂଗ୍ରହାଳୟର ଜୀବନ୍ତ ସ୍ୱାକ୍ଷର ରହିଛି । ଇତିହାସର ତଥ୍ୟ - ଚଣ୍ଡାଶୋକରୁ ଧର୍ମାଶୋକ ପାଲଟିଥିବା ଶାନ୍ତିଦୂତ, ଶାନ୍ତିର ପ୍ରତୀକ ବୁଦ୍ଧଙ୍କ ନିର୍ବାଣ ଏହି ସଂଗ୍ରହାଳୟର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରି ତୋଳିଛି । ସଂଗ୍ରହାଳୟ ଅର୍ଥ ନୁହେଁ କିଛି ଜିନିଷକୁ ସଜାଇ ତଳେ ପ୍ଲାକାଡ଼ ଲେଖି ରଖିଦେବା । ସଂଗ୍ରହାଳୟ ହେଉଛି ଆମର ଇତିହାସକୁ ମନେପକାଇବାର ପବିତ୍ର ସ୍ମରଣୀୟ ମୁହୂର୍ତ୍ତ । ଦିନକୁ ଦିନ ବ୍ୟସ୍ତ ବହୁଳ ଧାଁ ଦଉଡ଼ ଜୀବନ ଭିତରେ ପ୍ରାୟତଃ ସମୟ ମିଳୁନି ଆମମାନଙ୍କୁ ଆମମାନଙ୍କର ସ୍ମୃତି ବିଜଡ଼ିତ ପୂର୍ବ ଇତିହାସକୁ ପୁଣିଥରେ ମନେପକାଇବାକୁ । ସେହି ବୀରଯୋଦ୍ଧା, ତ୍ୟାଗଦୀପ୍ତ ସ୍ୱାଧୀନତା ସେନାନୀଙ୍କୁ ସ୍ମରଣ ପୂର୍ବକ ମଥାନତ ଭକ୍ତି ନୈବେଦ୍ୟ ଦେବା ପାଇଁ । ସମଗ୍ର ବିଶ୍ୱରେ ସଂଗ୍ରହାଳୟ ସ୍ଥାପନାରେ ଶ୍ରେଷ୍ଠତା ଅର୍ଜନ କରିଥିବା ବିରଳ ରାଷ୍ଟ୍ର ଭିତରେ ଭାରତ ଅନ୍ୟତମ । ଐତିହାସିକ କ୍ଷେତ୍ର ଠାରୁ ଭୌଗୋଳିକ, କଳା ନୈପୁଣ୍ୟତାର ସ୍ଥାପତ୍ୟ ଠାରୁ ଦୈବ ବିମଣ୍ଡିତ ଦେବାଳୟ ଓ



ଦେବସ୍ଥାନ, ସୁଉଚ୍ଚ ଆକାଶକୁ ଛୁଇଁଥିବା ପରି ପର୍ବତମାଳା ଠାରୁ ଗିରିକନ୍ଦର, ବାରିଧାରାର ସ୍ରୋତର ଉତ୍ସ ଓ ସବୁଜ ବନାନୀର କ୍ଷେତ୍ର ଠାରୁ ସମସ୍ତ ପ୍ରାକୃତିକ ସୃଷ୍ଟି ସମ୍ଭାରର ଅନନ୍ୟ ସଂଗ୍ରହାଳୟ ଏହି ଭାରତରେ ଯାହାକୁ ଅନେକ କେହି ଜାଣିନଥାନ୍ତି । ହୀରକ୍ ବିମଣ୍ଡିତ କ୍ଷେତ୍ର ଲଳିତଗିରିରୁ ଏକଦା ଆବିଷ୍କୃତ ହୋଇଥିଲା ବୁଦ୍ଧଙ୍କ ପବିତ୍ର ସ୍ମୃତି ସମ୍ଭାର ଯେଉଁଥିରେ ସୁନାର ଦାନ୍ତ ବା କାସ୍କେଟ୍ ବି ସ୍ଥାନିତ ହୋଇଥିଲା । ଅଧୁନା ଝାଡ଼ଖଣ୍ଡର ଦେଓଘର ଠାରେ ଯୁଗାବତାର ପୁରୁଷୋ□ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସ୍ମୃତି ବିଜଡ଼ିତ ଠାକୁର ବାଡ଼ି ହେଉ ବା ବାଂଲାଦେଶର ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମସ୍ଥାନ ଦୈବଭୂମି ପାବନା, ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁରଙ୍କ ସ୍ମୃତି ବିଜଡ଼ିତ ଅନେକ ଦୁଃଷ୍ପ୍ରାପ୍ୟ ଓ ଦୁର୍ମୂଲ୍ୟ ଆଧ୍ୟାତ୍ମିକ ସଂଗ୍ରହଣୀୟ ମୂଲ୍ୟବାନ ପଦାର୍ଥ, ସନ୍ତକ ଓ ଉପାଦେୟ ପୁସ୍ତକ, ଫଟୋଚିତ୍ର ରହିଛି ଯାହାକି ଅଗଣିତ ଆଧ୍ୟାତ୍ମଲିପ୍ସୁ, ଧର୍ମାଶ୍ରିତ ଓ ଶ୍ରୀ ଶ୍ରୀ ଠାକୁରଙ୍କ ସତ୍‌ସଙ୍ଗୀ ଅନୁଗାମୀ ମାନଙ୍କୁ ଟାଣି ନେଇଥାଏ । ଅନେକ ହୁଏତ ଜାଣି ନଥିବେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟ ସାନ୍ନିଧ, କୃପା, କଥୋପକଥନ ବା ଆଶୀର୍ବାଦ ପ୍ରାପ୍ତି ପାଇଁ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀ, ପ୍ରଧାନମନ୍ତ୍ରୀ ଗୁଲଜାରିଲାଲ ନନ୍ଦା, ବିହାରର ତତ୍କାଳୀନ ପ୍ରଧାନମନ୍ତ୍ରୀ ବିନୋଦାନନ୍ଦ ଝା ଓ ତତ୍କାଳୀନ ସମାଜର ସମ୍ପାଦକ ବିଶିଷ୍ଟ ରାଜନେତା ସମାଜସେବୀ ରାଧାନାଥ ରଥ ପ୍ରମୁଖଙ୍କ ଶ୍ରୀ ଶ୍ରୀ ଠାକୁରଙ୍କ ସହ ସ୍ମୃତି ବିଜଡ଼ିତ ଫଟୋଚିତ୍ର ଓ ଉପାଦେୟ ଦସ୍ତାବିଜ୍ ରହିଛି । ଶ୍ରୀ ଶ୍ରୀ ଠାକୁରଙ୍କ ଜନ୍ମସ୍ଥାନ ବାଂଲାଦେଶ ପାବନା ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଜାତିର ପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ଦେଶବନ୍ଧୁ ଚିତରଞ୍ଜନ ଦାସଙ୍କ ସହିତ କଥୋପକଥନ ଇତିହାସ ପୃଷ୍ଠାରେ ଓ ପ୍ରବହମାନ ପଦ୍ମାନଦୀର ପାଣି ଓ ପବନରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । ପ୍ରଶ୍ନ ଉଠେ, ସଂଗ୍ରହାଳୟର ଆବଶ୍ୟକତା କ'ଣ ? ସଂଗ୍ରହାଳୟ ଆଜି କେବଳ ଗବେଷକ ନୁହଁନ୍ତି ଅନିସିନ୍ଧୁସୁଙ୍କ ଠାରୁ ଛାତ୍ରଛାତ୍ରୀ, ଶିକ୍ଷାବିତ୍‌ଙ୍କ ଠାରୁ ସୃଜନାତ୍ମକ ଚରିତ୍ର ସମସ୍ତଙ୍କ ପାଇଁ ଆଲୋଚ୍ୟ ଓ ଆଗ୍ରହର ପ୍ରସଙ୍ଗ ପାଲଟିଛି । ଭାରତ ବାହାରେ ଚୀନ୍, ରୁଷ, ଜାପାନ, ଆମେରିକା ଠାରୁ ନେପାଳ, ଶ୍ରୀଲଙ୍କା ଓ ପାକିସ୍ଥାନରେ ମଧ ଅନେକ ବିରଳ ସଂଗ୍ରହ କଳାକୃତିକୁ ନେଇ ଆନ୍ତର୍ଜାତିକସ୍ତରର ସଂଗ୍ରହାଳୟ ସ୍ଥାପନ ହୋଇଛି । ପ୍ରତି ବର୍ଷ ଲକ୍ଷାଧିକ ସଂଗ୍ରହାଳୟପ୍ରେମୀ ସେଠାକୁ ଯାଇ ନିଜ ଗବେଷଣା ଓ ସୃଜନ ସମ୍ଭାରର ଜୟଯାତ୍ରାକୁ ଅବ୍ୟାହତ ରଖିଥାନ୍ତି । ସଂପ୍ରତି ସରକାରୀସ୍ତରରୁ ବେସରକାରୀ ସ୍ତର ପର୍ଯ୍ୟନ୍ତ ସବୁଠି ସଂଗ୍ରହାଳୟ ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । ମୁଦ୍ରା ସଂଗ୍ରହ ଠାରୁ ଦୈନିକ ଖବର କାଗଜ, ବିଭିନ୍ନ ପଥରର ସୂକ୍ଷ୍ମ କାରୁକାର୍ଯ୍ୟର କଳାକୃତି ଠାରୁ ବିଜ୍ଞାନ ସମ୍ବନ୍ଧୀୟ ସାମଗ୍ରୀ । ଲୋକଲୋଚନର ଉହାଡ଼ରୁ ଲୁପ୍ତପ୍ରାୟ ବିରଳ କୀର୍ତ୍ତିରାଜି ଆଜି ମଧ ସଂଗ୍ରହାଳୟରେ ସ୍ଥାନିତ ହେଉଛି । କେବଳ ସେତିକି ନୁହେଁ ଏହି ଦୁଃସ୍ପ୍ରାପ୍ୟ କଳାକୃତିକୁ ସଂଗ୍ରହ କରି ସଂଗ୍ରହାଳୟରେ ରୂପ ଦେବା ପାଇଁ ଆଜି ଛାତ୍ରଛାତ୍ରୀ ଓ ଗବେଷକଙ୍କ ଭିତରେ ଶ୍ରଦ୍ଧା ବୃଦ୍ଧି ପାଉଛି ଏହା ଖୁବ୍ ଖୁସିର କଥା । ସଂଗ୍ରହାଳୟ ନଥିଲେ ସତରେ ଗୋଟିଏ ଜାତିର, ଗୋଟିଏ ରାଷ୍ଟ୍ରର ଇତିହାସ ଚିନ୍ତା କରିହୁଏନା ଏହା ଯଥାର୍ଥ ପ୍ରତୀୟମାନ ହୁଏ । ହଜିଯାଇଥିବା ଘଟଣାର କାହାଣୀ ହେଉ ବା ସମୟ ସୁଅରେ ଲିଭିବାକୁ ବସିଥିବା ସ୍ମୃତି ବିଜଡ଼ିତ କାହାଣୀ, ଘଟଣା, ପ୍ରସଙ୍ଗ ସ୍ଥାନିତ ହୋଇଥାଏ ଏହି ସଂଗ୍ରହାଳୟ ରେ । ସଂଗ୍ରହାଳୟ ସମସ୍ତଙ୍କ ପାଇଁ ଦର୍ଶନର ଶ୍ରଦ୍ଧାଶୀଳ କେନ୍ଦ୍ରବିନ୍ଦୁ ପାଲଟିଥାଏ । ଆଜି ଆଧ୍ୟାତ୍ମିକ ଓ ସେବାଭିମୁଖୀ ସଂଗଠନମାନେ ସଂଗ୍ରହାଳୟ ପାଇଁ ବିରଳ ଦୁଃଷ୍ପ୍ରାପ୍ୟର ସମ୍ଭାରକୁ ନେଇ ବିଭିନ୍ନ ସ୍ଥାନରେ୍ ପ୍ରଦର୍ଶନୀ ମାଧ୍ୟରେ ସଚେତନତା ସୃଷ୍ଟି କରିବାକୁ ସମର୍ଥ ହେଉଛନ୍ତି । ସଂଗ୍ରହାଳୟ ପ୍ରତି ମମତାବୋଧ ଓ ଶ୍ରଦ୍ଧା ସବୁଠାରୁ ବଡ଼କଥା । ଆମ ମାନଙ୍କର ହାତପାହାନ୍ତାରେ ଏପରି ନୈସର୍ଗିକ ଜିନିଷର ଛବିଟିଏ ପାଇଥାଉ ଯାହାହୁଏତ ଆମ ପାଇଁ ଛୋଟ ମନେହେଲେ ବି ତାହା ଜଣେ ଗବେଷକ ସଂପନ୍ନ ସଂଗ୍ରାହକ ପାଇଁ ବିରଳ ଓ ଦୁଃସ୍ୱପ୍ରାପ୍ୟ ପଦାର୍ଥଟି ହୋଇପାରେ । ଆଜି ବିଶ୍ୱ ସଂଗ୍ରହାଳୟ ଦିବସ ଅବସରରେ ସମସ୍ତଙ୍କ ଭିତରେ ନିଜ ସୀମିତସାଧ ଭିତରେ ଦୁଃଷ୍ପ୍ରାପ୍ୟ ଲୁପ୍ତପ୍ରାୟ ବିରଳ କୀର୍ତ୍ତିରାଜିର ସମ୍ଭାରକୁ ସଂରକ୍ଷଣ ଓ ଭଲପାଇବାର ଦିନଟିଏ ହେଉ ଆଜିର ଦିନ । ପରବର୍ତ୍ତୀ ପିଢ଼ୀ ପାଇଁ ସମୟର ସୁଅ ଭିତରେ କିଛି ସ୍ମୃତିର ସ୍ମାରକୀ ସଂରକ୍ଷଣ କରି କାଳର କରାଳ ସ୍ରୋତ ଭିତରେ ଇତିହାସକୁ ମନେପକାଇବାର ପବିତ୍ର ଦିନ ହେଉ ବିଶ୍ୱ ସଂଗ୍ରହାଳୟ ଦିବସ ।

+++

## ପିଲାଙ୍କୁ ଶିଖାନ୍ତୁ ଅତିଥି ସେବା

◆ ବିପିନ ବିହାରୀ ରାଉତ



ଶାସ୍ତ୍ରରେ ଉଲ୍ଲେଖ ରହିଛି ଅତିଥିଦେବୋ ଭବ । ଅର୍ଥାତ୍ ଘରକୁ ଆସୁଥିବା ଅତିଥି ହେଉଛନ୍ତି ଦେବତାଙ୍କ ସ୍ୱରୂପ । ଫୁର୍‌ସତ୍ ମିଳିଲେ ପିଲାକୁ ଶିଖାନ୍ତୁ, ଘରକୁ ଅତିଥି ଆସିଲେ କ'ଣ କରିବା ଉଚିତ୍ । ଘରକୁ କେହି ଆସୁଥିଲେ ଘର ସଜାଡ଼ିବାରେ ପିଲାର ସାହାଯ୍ୟ ନିଅନ୍ତୁ । ସେ ସଚେତନ ହେବ । କଲିଂ ବେଲ୍ ବାଜିଲେ ତାକୁ କବାଟ ଖୋଲିବାକୁ କହନ୍ତୁ । ଅତିଥି ଆସିଲେ ସେମାନଙ୍କ ଚର୍ଚ୍ଚାର କିଛି ଦାୟିତ୍ୱ ତାକୁ ଦିଅନ୍ତୁ । ଖବର କାଗଜ, ପତ୍ରିକା ଆଦି ସେଂଟର ଟେବଲ୍‌ରେ ରଖିବାକୁ ଶିଖାନ୍ତୁ । ପିଲା ଯେମିତି ଅତିଥିଙ୍କ ଆଗରେ କୌଣସି ଅସଭ୍ୟ ଆଚରଣ ନକରେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ବଡ଼ମାନେ କଥା ହେଉଥିବା ବେଳେ ଛୋଟମାନେ ବସିବା ଅନୁଚିତ ବୋଲି କୁହନ୍ତୁ । ଅତିଥି କିଛି ଦିନ ରହିବା ପାଇଁ ଆସୁଥିଲେ, ଗେଷ୍ଟ ରୁମ୍ ସଜାଡ଼ିବାରେ ପିଲାର ସାହାଯ୍ୟ ନିଅନ୍ତୁ । କିଏ ଆସୁଛନ୍ତି ସେ ବିଷୟରେ ପିଲାକୁ ଆଗରୁ କୁହନ୍ତୁ । ସେ ସହଜରେ ମିଶି ପାରିବ । ସକାଳେ ବା ସନ୍ଧ୍ୟାରେ ଅବସର ବେଳେ ଅତିଥିଙ୍କ ସହିତ ତାକୁ ଗପସପ ହେବାକୁ ବସନ୍ତୁ । ପରିବାରର ସଦସ୍ୟ ଭାବେ ତା' ଦାୟିତ୍ୱ ବଢ଼ିବ । ଅତିଥିଙ୍କ ସହିତ କେହି ପିଲା ଆସିଥିଲେ ତାକୁ କୋଠରୀକୁ ନେଇ ଖେଳିବା ବା ଗପ ହେବା ଶିଖାନ୍ତୁ । ବ୍ୟକ୍ତିତ୍ୱ ଗଠନ ପାଇଁ ଅତିଥିଙ୍କ ସହିତ ମିଳାମିଶା କରିବା ଜରୁରୀ । ଅତିଥି ମାନଙ୍କୁ ଆଦର, ଯତ୍ନ ପ୍ରଦାନରେ ଯେପରି ତ୍ରୁଟି ନହେବ ସେ ଦିଗକୁ ଦେଖନ୍ତୁ ଏବଂ ପିଲାଟିକୁ ସେହିପରି ଶିକ୍ଷା ଦିଅନ୍ତୁ । ତେବେ ଆଉଗୋଟିଏ କଥା ମନେରଖନ୍ତୁ ଶିକ୍ଷା ନାମରେ ପିଲାଟି ଉପରେ କୌଣସି ଚାପ ସୃଷ୍ଟି କରନ୍ତୁନାହିଁ । ମନେରଖନ୍ତୁ ପିଲାଟିକୁ ଅଯଥା ଗାଳି କରିବେ ନାହିଁ । ଅତିଥିଙ୍କ ବିଷୟରେ ଅଯଥା କୌଣସି ଭୟ ତାମନରେ ସୃଷ୍ଟି କରିବେ ନାହିଁ । ପିଲାର ଅନିଚ୍ଛା ସତ୍ତ୍ୱେ ତାକୁ ଅତିଥିଙ୍କ ଆଗରେ ନାଚିବା, ଗାଇବାକୁ ବାଧ୍ୟ କରିବେ ନାହିଁ । ତା'ଜିଦ୍ ବଢ଼ିବ ଓ ଅତିଥି ମଧ୍ୟ ଅସ୍ୱସ୍ତି ଭୋଗିବେ । ପିଲା ଆଗରେ ପିଲାମାନେ ଅତିଥିଙ୍କ ଆଗରେ ଅଧିକ ମନଯୋଗ ପାଇବାକୁ ଚେଷ୍ଟା କରନ୍ତି । ତାକୁ ଉପେକ୍ଷା କିମ୍ବା ଶାସନ କରିବେ ନାହିଁ । ଆପଣଙ୍କ ଏହି ଅତିଥି ପରାୟଣତା ସଦଗୁଣ ପିଲାଟି ଜୀବନରେ ଏକ ଦିବ୍ୟଗୁଣ ସୃଷ୍ଟି କରିବା ସହ ଅତିଥି ମାନଙ୍କ ସେବା ଓ ସମ୍ମାନ ଦ୍ୱାରା ସେ ଅନେକ କୃପା ଆଶୀର୍ବାଦ ପାଇବା ସହ ତାଙ୍କ ଜୀବନକୁ ଏକ ଦିବ୍ୟମୟ ଗଢ଼ିତୋଳିବାରେ ସମର୍ଥ ହୋଇପାରିବ ।

*ଶ୍ରୀବିହାର କଲୋନୀ, କଟକ : ୯୪୩୭୬୬୬୪୫୩*

# ଶ୍ରୀରାମଙ୍କୁ ଦିବ୍ୟାସ୍ତ୍ର ପ୍ରଦାନ କଲେ ବିଶ୍ୱାମିତ୍ର

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା



ଘୋର ବନସ୍ତ ମଧ୍ୟରେ ତାଡ଼କାସୁରକୁ ମୁକ୍ତି ପ୍ରଦାନ କରିସାରିବା ପରେ ଶ୍ରୀରାମ ଓ ଲକ୍ଷ୍ମଣ ବିଶ୍ୱାମିତ୍ରଙ୍କ ପଛେ ପଛେ ଚାଲିଲେ । ବିଶ୍ୱାମିତ୍ର ରାମକୁ କହିଲେ ହେ ରାମ ଏବେ ଜାଣିଲି, ତୁମ୍ଭ ସକାଶେ ମୋର ବ୍ରତ ପୂର୍ଣ୍ଣ ହେବ ଏବଂ ମୁଁ ବ୍ରହ୍ମର୍ଷି ହୋଇ ଜଗତରେ ବିହିତ ହେବି । ତେଣୁ ତା ପୂର୍ବରୁ ତୁମ୍ଭଙ୍କୁ ମୁଁ ଏକ ମନ୍ତ୍ର ଶିକ୍ଷା ଦେଉଛି । ଏହି ବିଦ୍ୟା ଶିକ୍ଷାଲାଭ କଲେ, ଶରୀର ମଧ୍ୟରେ ତୃଷ୍ଣା ଲାଗେ ନାହିଁ ଏବଂ ଶରୀର ମଧ୍ୟରେ ଅତୁଳନୀୟ ବଳ ସଂଚାର କରିଥାଏ । ହେ ରାମ! ତୁମ୍ଭେ ଦୁଇ ଭାଇ ଏହି ମନ୍ତ୍ର ଗ୍ରହଣ କର । ରାମ ସ୍ୱୀକୃତି ପ୍ରଦାନ କରିବାରୁ ବିଶ୍ୱାମିତ୍ର ବଳା ଓ ଅତିବଳାମନ୍ତ୍ର ରାମ ଲକ୍ଷ୍ମଣଙ୍କୁ ପ୍ରଦାନ କଲେ । ବିଶ୍ୱାମିତ୍ର ପ୍ରଭୁ କୈଳାଶପତି ଶିବଙ୍କୁ ତୁଷ୍ଟ କରି ଯେଉଁ ଦିବ୍ୟାସ୍ତ୍ର ସବୁ ଲାଭ କରିଥିଲେ, ସେ ସବୁକୁ ଆଉ ନିଜ ପାଖରେ ରହିବାକୁ ଇଚ୍ଛା କଲେ ନାହିଁ । ଏହି ବ୍ରତ ଉଦ୍‌ଯାପନ ହେଲେ ସେହି ଦିବ୍ୟାସ୍ତ୍ର ମୂଲ୍ୟ ତାଙ୍କ ପାଖରେ କିଛି ନାହିଁ । ତେଣୁ ଭଗବାନ ଶିବଶଙ୍କର ସେହି ଦିବ୍ୟାସ୍ତ୍ରକୁ ବିଶ୍ୱାମିତ୍ର ରାମଙ୍କୁ ସମର୍ପଣ କରି କହିଲେ, ହେ ରାମ! ଏହି ଦିବ୍ୟାସ୍ତ୍ର ତୁମ୍ଭର ବିଶେଷ ପ୍ରୟୋଜନ ଅଟେ । ତୁମ୍ଭେ ପୁରୁଷୋତମ ଚତୁର୍ଦ୍ଦଶ ଭୁବନ ମଧ୍ୟରେ ଶ୍ରେଷ୍ଠ । ଏହି ସବୁ ଦିବ୍ୟାସ୍ତ୍ର ଶଙ୍କରଙ୍କ ପ୍ରଦତ, ତୁମ୍ଭେ ସମ୍ପାଦି ରଖ । ରାମ ଆଗ୍ରହରେ ସମସ୍ତ ଦିବ୍ୟାସ୍ତ୍ରକୁ ଗ୍ରହଣ କଲେ । ସନ୍ଧ୍ୟା ଆଗତ ହେବାର କିଛି ସମୟ ପୂର୍ବରୁ ବିଶ୍ୱାମିତ୍ର ନିଜ ଆଶ୍ରମ ମଧ୍ୟରେ ଉପସ୍ଥିତ ହେଲେ । ବିଶ୍ୱାମିତ୍ର ଆଶ୍ରମରେ ଉପସ୍ଥିତ ହେବାରୁ ସମସ୍ତ କୁଟୀରବାସୀ ଅଶେଷ ଆଗ୍ରହ ଓ କୌତୁହଳ ନେଇ ବିଶ୍ୱାମିତ୍ରଙ୍କ ନିକଟରେ ପ୍ରବେଶ କଲେ । ବିଶ୍ୱାମିତ୍ର କୁଟୀରବାସୀଙ୍କୁ କହିଲେ, ହେ ଆଶ୍ରମବାସୀଗଣ ! ଦେଖ, ତୁମ୍ଭ ସମ୍ମୁଖରେ ଅଯୋଧାର ରାଜକୁମାର ଦ୍ୱୟ ଉପସ୍ଥିତ ଅଛନ୍ତି । ଏହି ଶ୍ୟାମ ଗୌର କିଶୋର ଦ୍ୱୟ ପଥମଧ୍ୟରେ ତାଡକା ଅସୁରୁଣୀକୁ ମାରି ଏହି ବନଦେଶକୁ ନିର୍ଭୟ କରିଛନ୍ତି । ତୁମ୍ଭେ ସମସ୍ତେ ଆସି ଏହି କୁମାର ଦ୍ୱୟଙ୍କୁ ଦର୍ଶନ କରି ନୟନ ମନ ପବିତ୍ର କର । ଆଶ୍ରମର ଅନ୍ତେବାସୀଗଣ ରାମ ଲକ୍ଷ୍ମଣଙ୍କୁ ଦର୍ଶନ କଲେ । ଆହା କି ସୁନ୍ଦରମନୋହର ରୂପ ମନହରଣ କରି ନେଉଛି । କୁଟୀରବାସୀଗଣ ତାଡ଼କାକୁ ରାମ ବିନାଶ କରିଥିବା ଯୋଗୁଁ ନିଜର ଭକ୍ତି ଅର୍ଘ୍ୟ ନିବେଦନ କଲେ । ଯେଉଁ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯୁଗ ଯୁଗ ଧରି ସିଦ୍ଧ ମୁନିଜମାନେ ତପସ୍ୟାରତ କରୁଛନ୍ତି, ସେହି କରୁଣାକର ରାମ ଆଜି ଆଶ୍ରମବାସୀଙ୍କ ଗହଣରେ ତଳେ କୁଶାସନରେ ଆସ୍ୱୀନ ଅଛନ୍ତି । ଏହାପରେ ବିଶ୍ୱାମିତ୍ର କହିଲେ କାଲି ପ୍ରଭାତରୁ ମୋର ଯଜ୍ଞ କାର୍ଯ୍ୟ ମୁଁ ଆରମ୍ଭ କରିବି । ଏହି ଯଜ୍ଞ ନବନ ଦିନ ପର୍ଯ୍ୟନ୍ତ ଚାଲି ରହିବ । ମୁଁ କାଲି ପ୍ରାତଃ ସମୟରୁ ନବମଦିନ ପର୍ଯ୍ୟନ୍ତ ମୌନବ୍ରତ ଧାରଣ କରିବି । ରାମ ଓ ଲକ୍ଷ୍ମଣ ଯଜ୍ଞଶାଳର ଦ୍ୱାରଦେଶରେ ରହି ଯଜ୍ଞ କରିବେ । ତୁମ୍ଭେମାନେ ତୁମ୍ଭର ପୂଜା, ହୋମ ଆରମ୍ଭ କର । ତୁମର କିଛି କ୍ଷତି ହେବନାହିଁ । ପୁନଶ୍ଚ ବିଶ୍ୱାମିତ୍ର କହିଲେ, ହେ ମୋର ଆଶ୍ରମବାସୀ ମୁଁ ଯଜ୍ଞସ୍ଥାନରେ ରହିବି । ରାମ ଲକ୍ଷ୍ମଣଙ୍କର ଯତ୍ନ ନେଇ ପାରିବି ନାହିଁ । ମୋର ଯଜ୍ଞ ଶେଷ ପର୍ଯ୍ୟନ୍ତତ ତୁମ୍ଭେମାନେ ଯେପରି ଏହି ରାଜକୁମାରଙ୍କର ସେବା ଯତ୍ନରେ କୌଣସି ତ୍ରୁଟି ନକର । ପରଦିନ ପ୍ରାତଃ କାଳରେ ରାମ ଶଯ୍ୟାତ୍ୟାଗ କରି ନିଜର ନିତ୍ୟକର୍ମ ଶେଷକରି ଲକ୍ଷ୍ମଣଙ୍କୁ ନେଇ ବିଶ୍ୱାମିତ୍ରଙ୍କ ଚରଣ ବନ୍ଦନା କଲେ ସେହି ଦିନ ବିଶ୍ୱାମିତ୍ର ମୌନବ୍ରତ ଧାରଣ କରିଥିଲେ । ତେଣୁ ପୂର୍ବଦିନର ନିର୍ଦ୍ଦେଶ ଅନୁସାରେ ରାମଲକ୍ଷ୍ମଣ ହସ୍ତରେ ଧନୁ ଧାରଣ ପୂର୍ବକ ଯଜ୍ଞଶାଳାର ଦ୍ୱାର ଦେଶରେ ଦଣ୍ଡାୟମାନ ରହିଲେ । ବିଶ୍ୱାମିତ୍ର ଶୁଭ ସମୟ ଦେଖି ନିଜର ଶିଷ୍ୟବର୍ଗଙ୍କୁ ନେଇ ଯଜ୍ଞ ଆରମ୍ଭ କଲେ । ପବିତ୍ର ବେଦମନ୍ତ୍ରରେ ସିଦ୍ଧିବନ ମୁଖରିତ ହେବାକୁ ଲାଗିଲା ।

*ଶିଖରପୁର ଉପରସାହି, କଟକ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

# ଅସ୍ଥିଗୁଡ଼ିକର ଜଏଣ୍ଟ ସ୍ଥାନଗୁଡ଼ିକରେ ଯନ୍ତ୍ରଣା

ମହିଳାମାନଙ୍କ ଉପରେ ହିଁ ଅତ୍ୟଧିକ ଶାରିରିକ ପରିଶ୍ରମ ପଡ଼ିଥାଏ । ସେମାନେ ସର୍ବଦା ବ୍ୟସ୍ତ ରହିବା ସହ ବିଶ୍ରାମର ଅଭାବ, ପୁଷ୍ଟିକର ଖାଦ୍ୟ ନଖାଇବା ତଥା ସାମାନ୍ୟ ଛୋଟବଡ଼ ଦେହ ଦୁର୍ବଳତା ପରବର୍ତ୍ତୀ ସମୟରେ ଅସ୍ଥି ସମ୍ବନ୍ଧୀୟ ଶରୀରର ବିଭିନ୍ନ ଅଙ୍ଗକୁ ଦୁର୍ବଳ କରିଥାଏ । ଚଳପ୍ରଚଳ ଓ କର୍ମବ୍ୟସ୍ତତା ମହିଳାମାନଙ୍କ ପାଇଁ ନିଶ୍ଚିତ ଭଲ ହେଲେ ଅତ୍ୟଧିକ ହାଡ଼ଭଙ୍ଗା ଖଟଣୀ ସେମାନଙ୍କୁ ପରବର୍ତ୍ତୀ ସମୟରେ କଷ୍ଟଦାୟକ ର୍ୟୁମେଟିକ୍ ଆର୍ଥରାଇଟିସ୍‌ର ସମ୍ମୁଖୀନ କରାଇବାର ସମ୍ଭାବନା ରଖିଥାଏ । ର୍ୟୁମେଟିକ୍ ଆର୍ଥରାଇଟିସ୍ ଅଳ୍ପ ବୟସରେ ଓ ବୟସାଧିକ୍ୟ ହେଲେ ଅନେକଙ୍କ ଠାରେ ଦେଖାଯାଏ । ଏହା ଏକ କଷ୍ଟଦାୟକ ରୋଗ । ଏହି ରୋଗ ହେଲେ ଅସ୍ଥିଗୁଡ଼ିକର ଜଏଂଟ□ ସ୍ଥାନରେ ଅତ୍ୟଧିକ ପୀଡ଼ା ଅନୁଭବ ହୁଏ । ଗଳାରେ ଷ୍ଟ୍ରେପ୍‌ଟୋ ଫୋକସ୍‌ର ସଂକ୍ରମଣ ଯୋଗୁଁ ଏହି ମାରାତ୍ମକ କଷ୍ଟଦାୟକ ରୋଗର ଉତ୍ପତି ହୋଇଥାଏ । ଏହି ରୋଗ ହେଲେ ଜ୍ୱର ହୁଏ । ଶରୀରର ଜଏ□ ସ୍ଥାନଗୁଡ଼ିକ ଫୁଲିଯିବା ସହ ତୀବ୍ର ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହି ରୋଗ ହେଲେ ହାର୍ଟ ଫେଲ୍ୟୁଅର୍‌ରେ ସମ୍ଭାବନା ଅଧିକ ବଢ଼ିଯାଇଥାଏ । ଏହି ରୋଗ ହେଲେ ରୋଗୀକୁ ବିଛଣା ଛାଡ଼ିଲାବେଳେ କଷ୍ଟ ଲାଗେ । ଏହି କଷ୍ଟ ଶୀତ ଦିନେ ଓ ବର୍ଷାଦିନେ ଅଧିକ ଜଣାପଡ଼ିଥାଏ । ଆଙ୍ଗୁଳି, ପଞ୍ଝା ଓ ଆଣ୍ଠୁ ଫୁଲିଯିବା ସହ କେତେକ କ୍ଷେତ୍ରରେ ଆଙ୍ଗୁଳି ବଙ୍କା ହୋଇଯାଏ । ଶୋଇବାବେଳେ ଅଧିକ ପରିସ୍ରା ଲାଗେ ଓ ନିଦ କମ୍ ହୋଇଥାଏ । ଏହା ବ୍ୟତୀତ କୋଷ୍ଠକାଠିନ୍ୟ ସମସ୍ୟା ମଧ ଦେଖାଯାଇଥାଏ । ଶାରୀରିକ ଜଏ□ ସ୍ଥାନଗୁଡ଼ିକରେ ଯନ୍ତ୍ରଣା ଅଧିକ ହୋଇଥାଏ । ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କୁ ଏହି ରୋଗ ଅଧିକ ହୋଇଥାଏ । ଶରୀରରେ କୌଣସି କାରଣରୁ ଗଣ୍ଠି ଦରଜ କି ବିନ୍ଧା ହେଲେ ସେମାନେ ଅବହେଳା କରିଥାନ୍ତି । ଯାହା ଭବିଷ୍ୟତରେ ସେମାନଙ୍କୁ ଏହି ରୋଗ ଜନିତ ସମସ୍ୟାରେ ପକାଇଥାଏ । ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ପାଇଲେ ଓ ମାନସିକ ଅସ୍ଥିରତା ଲାଗି ରହିଲେ ଏହି ରୋଗ ଉତ୍ପନ୍ନ ହୋଇଥାଏ । ଅଧିକ ଛଣା, ଭଜା, ମିଠା ଖାଦ୍ୟ ଖାଇଲେ, ଥଣ୍ଡା ପାନୀୟ, ଆଇସ୍‌କ୍ରିମ୍, ବରଫ ସେବନରେ ଏହି ରୋଗ ହୋଇଥାଏ । ସନ୍ତସନ୍ତିଆ ଓ ଥଣ୍ଡା ଅ□ଳରେ ଏହି ରୋଗ ଅଧିକାଂଶ ଲୋକଙ୍କୁ ଆକ୍ରମଣ କରିଥାଏ । ବିଶୁଦ୍ଧ ଆହାର-ବିହାର ଏହି ରୋଗର ପ୍ରମୁଖ କାରଣ ବୋଲି ଚିକିତ୍ସକ ମାନେ କହିଥାନ୍ତି । ଏହି ରୋଗ ଯେପରି ନହେବ ସେଥିପ୍ରତି ଧ୍ୟାନ ରହିବା ଉଚିତ । ଅଧିକମାତ୍ରାରେ ତେଲ ଛଣା ଓ ତୈଳଯୁକ୍ତ ଖାଦ୍ୟ ଖାଇବା ଉଚିତ ନୁହେଁ । ଶରୀରର କୌଣସି ଜଏ□ ସ୍ଥାନରେ ଯନ୍ତ୍ରଣା ହେଲେ ସଂଗେ ସଂଗେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।




- ❁ ମହିଳାମାନେ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ ସହ ଯୋଗ ଓ ପ୍ରାଣାୟାମ କଲେ ଖୁବ୍ ଭଲ ।
- ❁ ସାମର୍ଥ୍ୟ ନଥିଲେ ଓଜନିଆ ଜିନିଷ ଉଠାଉଠି କରନ୍ତୁ ନାହିଁ ।
- ❁ ଶରୀର ଅସ୍ଥି ସମ୍ବନ୍ଧୀୟ ଦୁର୍ବଳତା ଅନୁଭବ କଲେ ହେୟଜ୍ଞାନ ନକରି ତୁଟୁକା ଚିକିତ୍ସା ଅପେକ୍ଷା ବିଶେଷଜ୍ଞ ମାନଙ୍କ ପରାମର୍ଶ ନିଅନ୍ତୁ ।
- ❁ ସମୟ ପାଇଲେ ପ୍ରତ୍ୟୁଷ ଓ ସନ୍ଧ୍ୟା ସମୟରେ କିଛି ବାଟ ଚାଲନ୍ତୁ । ସମ୍ଭବ ହେଲେ ସବୁଜ ଘାସ ଉପରେ ଖାଲି ପାଦରେ ଚାଲିଲେ ଭଲ ।
- ❁ ଶରୀରରେ କୌଣସି ଅସ୍ଥି ଆଘାତ ପାଇଲେ ସାଧାରଣତଃ ସେକ, ତେଲ ମାଲିସ ଏପରି ପୁରୁଣା ବିଶ୍ୱାସ ଅପେକ୍ଷା ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ।
- ❁ କ୍ୟାଲ୍‌ସିୟମଯୁକ୍ତ ଖାଦ୍ୟ ଯଥା- କ୍ଷୀର, ଶାଗ, କ□ା ପନିପରିବା, ଫଳ ଖାଆନ୍ତୁ ।
- ❁ ପୂର୍ବରୁ ଅସ୍ଥି ସମ୍ବନ୍ଧୀୟ ଦୁର୍ବଳତା ଥିଲେ ପାହାଡ଼ଚଢ଼ା, ପହଁରା, ଦୋଳି ବା ପୁଚିଖେଳ, ଅଧିକ ଚାଲିବାରୁ ନିବୃତ ରୁହନ୍ତୁ ।

# ବହୁପାକ୍ଷିକତାର ସଙ୍କଟ ଓ ଡବ୍ଲୁଟିଓ ସଂସ୍କାରର ଜରୁରୀ ଆବଶ୍ୟକତା

ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥା ବର୍ତ୍ତମାନ ଏକ ଗଭୀର ବୈଧତା ସଙ୍କଟର ସମ୍ମୁଖୀନ ହେଉଛି । ବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ, ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ) ବିଶ୍ୱ ବାଣିଜ୍ୟର କେନ୍ଦ୍ରୀୟ ସ୍ତମ୍ଭ ଭାବରେ କାର୍ଯ୍ୟ କରୁଥିଲା, ଯାହା ନିରପେକ୍ଷତା, ପୂର୍ବାନୁମାନ ଯୋଗ୍ୟତା ଏବଂ ସ୍ୱଚ୍ଛତାର ପ୍ରତିଶ୍ରୁତି ଦେଇ ଏକ ନିୟମ-ଆଧାରିତ ଢାଂଚା ପ୍ରଦାନ କରିଥିଲା । ତେବେ ଆଜି ସେହି ପ୍ରତିଶ୍ରୁତି କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ବିଶ୍ୱ ବାଣିଜ୍ୟ ସଂଗଠନ ପ୍ରତି ବିଶ୍ୱାସର ଏହି ହ୍ରାସ କୌଣସି ଗୋଟିଏ ବିଫଳତାର ପରିଣାମ ନୁହେଁ, ବରଂ ଗଠନମୂଳକ ଅସନ୍ତୁଳନ, ଅସମାନ ନିୟମ ପ୍ରଣୟନ ଏବଂ ବିଶ୍ୱ ଅର୍ଥନୈତିକ ଶକ୍ତିର ବଦଳୁଥିବା ଗତିଶୀଳତାର ଏକ ସମ୍ମିଳିତ ପ୍ରଭାବ ଅଟେ । ଏହି ସଙ୍କଟର ମୂଳରେ ବିଶ୍ୱ ଉତ୍ପାଦନର ମାତ୍ରାତିରିକ୍ତ -କେନ୍ଦ୍ରୀକରଣ ଏବଂ ହିଂସକ ବାଣିଜ୍ୟ ଅଭ୍ୟାସର ସ୍ଥାୟିତ୍ୱ ରହିଛି । ସମୟ ସହିତ, ଯୋଗାଣ ଶୃଙ୍ଖଳ ଗଭୀର ଭାବରେ ପରସ୍ପର ଉପରେ ନିର୍ଭରଶୀଳ, କିନ୍ତୁ ଅସମାନ ଭାବରେ ଏହା ବ[ିତ ହୋଇଛି । କିଛି ମୁଷ୍ଟିମେୟ ପ୍ରଭାବଶାଳୀ ଅର୍ଥନୀତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ଉପରେ ଅସନ୍ତୁଳିତ ନିୟନ୍ତ୍ରଣ ଉପଯୋଗ କରିଆସୁଛନ୍ତି । ଯଦିଓ ଏହି ସାନ୍ଦ୍ରତା କେତେକ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଅଧିକ ସକ୍ରିୟ କରିଛି, ଏହା ସେମାନଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବରେ ଅଧିକ ଦୁର୍ବଳ ମଧ୍ୟ କରିପକାଇଛି । ସେପରି ବାଧାଗୁଡ଼ିକ – ଭୂ-ରାଜନୈତିକ, ଅର୍ଥନୈତିକ କିମ୍ବା ପରିବେଶଗତ ହେଉ - ବର୍ତ୍ତମାନ ଏହା ବ୍ୟବସ୍ଥାଗତ ପରିଣାମ ବହନ କରେ । ଫଳସ୍ୱରୂପ, ଯୋଗାଣ-ଶୃଙ୍ଖଳା ଭଙ୍ଗୁରତାକୁ ଆଉ କେବଳ ଏକ ଆର୍ଥିକ ସଂକଟ ଭାବରେ ଦେଖାଯାଉନାହିଁ; ବରଂ ଏହାକୁ କ୍ରମଶଃ ଜାତୀୟ ସୁରକ୍ଷା ଏବଂ ଆର୍ଥିକ ସ୍ଥିତିର ପ୍ରସଙ୍ଗ ଭାବରେ ପ୍ରସ୍ତୁତ କରାଯାଉଛି । ଏହି ପରିପ୍ରେକ୍ଷୀରେ ଏଭଳି ପରିବର୍ତ୍ତନ ବହୁପାକ୍ଷିକତାର ମୂଳ ନୀତିଗୁଡ଼ିକୁ ଚ୍ୟାଲେଞ୍ଜ କରୁଥିବା ନୀତିଗତ ପ୍ରତିକ୍ରିୟାର ଏକ ଢେଉ ସୃଷ୍ଟି କରିଛି । ରାଷ୍ଟ୍ରମାନେ ଘରୋଇ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଡିଜାଇନ୍ କରାଯାଇଥିବା ସୁରକ୍ଷାବାଦୀ ପଦକ୍ଷେପ, ଆକ୍ରମଣାତ୍ମକ ଶିଳ୍ପ ନୀତି ଏବଂ ରପ୍ତାନି ନିୟନ୍ତ୍ରଣ ଆଡକୁ ମୁହାଁଇଛନ୍ତି । ଯଦିଓ ଏପରି ରଣନୀତି ସାମୟିକ ସ୍ଥିରତା ପ୍ରଦାନ କରିପାରେ, ସେମାନେ ପ୍ରାୟତଃ ବିଶ୍ୱ ବାଣିଜ୍ୟ ସଂଗଠନର ସହଯୋଗ ଭାବନା ଏବଂ ଆଇନଗତ ଢାଂଚାକୁ ଦୁର୍ବଳ କରନ୍ତି । ଭୂ-ରାଜନୈତିକ ଲିଭରେଜର ଉପକରଣ ଭାବରେ ପ୍ରଯୁକ୍ତିବିଦ୍ୟା 'ଚୋକ୍ ପଏଂଟ' ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ଉପରେ ନିୟନ୍ତ୍ରଣ ଏବଂ ବଜାର ପ୍ରବେଶର ବର୍ଦ୍ଧିତ ବ୍ୟବହାର ଏକ ବ୍ୟାପକ ପରିବର୍ତ୍ତନର ସଙ୍କେତ ଦିଏ: ବାଣିଜ୍ୟ ଆଉ କେବଳ ଅର୍ଥନୈତିକ ବିନିମୟର ଏକ ବିଷୟ ନୁହେଁ, ବରଂ ରଣନୈତିକ ଶକ୍ତିର ଏକ ପ୍ରସଙ୍ଗ ମଧ୍ୟ ପାଲଟିଛି । ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ଏକ ବ୍ୟାପକ ମତ ହେଉଛି ଯେ ପ୍ରମୁଖ ଅର୍ଥନୀତିଗୁଡ଼ିକୁ ସେମାନଙ୍କର ପ୍ରତିଶ୍ରୁତିବଦ୍ଧତା ପ୍ରତି ଦାୟୀ ରଖିବାରେ ସଂଗଠନର ଅକ୍ଷମତା ବର୍ତ୍ତମାନର ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯେତେବେଳେ ନିୟମ ଅସମାନ ଭାବରେ ପ୍ରୟୋଗ କରାଯାଏ କିମ୍ବା ପ୍ରବର୍ତ୍ତନ ତନ୍ତ୍ର ଦୁର୍ବଳ ହୁଏ, ବ୍ୟବସ୍ଥା ପ୍ରତି ବିଶ୍ୱାସ ଆପେ ତୁଟି ଯାଇଥାଏ । ଅନେକ ରାଷ୍ଟ୍ରଙ୍କ ପାଇଁ, ବିଶେଷକରି ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧର ଦେଶମାନଙ୍କ ନିମନ୍ତେ, ଏହା ଏହି ଧାରଣାକୁ ଅଧିକ ଦୃଢ଼ କରିଛି ଯେ ବିଶ୍ୱ ବାଣିଜ୍ୟ ସଂଗଠନ ଆଉ ଏକ ନିରପେକ୍ଷ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରୁ ନାହିଁ । ବରଂ ଏହାକୁ ଦ୍ରୁତ ଗତିରେ ବିକଶିତ ହେଉଥିବା ବିଶ୍ୱ ଅର୍ଥନୀତିର ବାସ୍ତବତା ସହିତ ଖାପ ଖୁଆଇବା ପାଇଁ ସଂଘର୍ଷ କରୁଥିବା ଏକ ଅନୁଷ୍ଠାନ ଭାବରେ ଦେଖାଯାଉଛି । ଏହି ପରିପ୍ରେକ୍ଷୀରେ ବିଶ୍ୱ ବାଣିଜ୍ୟ ସଂଗଠନର ବିଶ୍ୱସନୀୟତା ପୁନରୁଦ୍ଧାର ସଂସ୍କାର ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ପାଲଟିଛି । ଯଦିଓ ବିଶ୍ୱ ବାଣିଜ୍ୟ ସଂଗଠନର ସଂସ୍କାରର ଆବଶ୍ୟକତା ଉପରେ ସଦସ୍ୟମାନଙ୍କ ମଧ୍ୟରେ ଏକ ବ୍ୟାପକ ସହମତି ରହିଛି, ତଥାପି ଏହାକୁ କିପରି ହାସଲ କରାଯିବ ସେ ବିଷୟରେ ବହୁତ କ୍ୱଚିତ ସହମତ ରହିଛି । ସଂସ୍କାରର ଗଠନ ଏବଂ ସାର ଉପରେ ବିତର୍କ କ୍ରମଶଃ ବିବାଦୀୟ ହୋଇପଡ଼ିଛି । ୟାଉଣ୍ଡେଠାରେ ଅନୁଷ୍ଠିତ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ସଦସ୍ୟମାନେ ବିଶ୍ୱ ବାଣିଜ୍ୟ ସଂଗଠନର ମୂଳ ନୀତିଗୁଡ଼ିକ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ-ନିର୍ଦ୍ଦିଷ୍ଟ କରିଛନ୍ତି, ଯେଉଁଥିରେ ଅଣ-ପାକ୍ଷିକତା, ସ୍ୱଚ୍ଛତା, ଅନ୍ତର୍ଭୁକ୍ତି ଏବଂ ସହମତି-ଆଧାରିତ ନିଷ୍ପତି ଗ୍ରହଣ ଅନ୍ତର୍ଭୁକ୍ତ । ଏହି ନୀତିଗୁଡ଼ିକ ଦୀର୍ଘ ସମୟ ଧରି ବିଶ୍ୱ ବାଣିଜ୍ୟ ସଂଗଠନକୁ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକଠାରୁ ପୃଥକ କରିଆସିଛି, ଏହା ନିଶ୍ଚିତ କରେ ଯେ ଆକାର କିମ୍ବା ଆର୍ଥିକ ଶକ୍ତି ନିର୍ବିଶେଷରେ ସମସ୍ତ ସଦସ୍ୟ ବିଶ୍ୱ ବାଣିଜ୍ୟ ନିୟମ ଗଠନ କରିବାରେ ଏକ ସ୍ୱର ରଖିବେ । ତଥାପି, ଏହି ନୀତିଗୁଡ଼ିକର ବ୍ୟବହାରିକ ପ୍ରୟୋଗ ଚାପଗ୍ରସ୍ତ ହୋଇଛି, ବିଶେଷକରି ବହୁପାକ୍ଷିକ ଚୁକ୍ତିନାମା ସମ୍ବନ୍ଧୀୟ ଆଲୋଚନାରେ ପ୍ରତିଫଳିତ ହୋଇଛି । ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟଙ୍କ ଉପ-ସେବା ମଧ୍ୟରେ ଆଲୋଚନା ହୋଇଥିବା ଏହି ଚୁକ୍ତିନାମାଗୁଡ଼ିକୁ ଅନେକ - ବିଶେଷକରି ବିଶ୍ୱ ଉତରରେ - ସହମତି-ଆଧାରିତ ନିୟମ ପ୍ରଣୟନର ଚ୍ୟାଲେଞ୍ଜର ଏକ ବ୍ୟବହାରିକ ସମାଧାନ ଭାବରେ ଦେଖନ୍ତି । ବିକାଶ ସ୍ତର ଏବଂ ଜାତୀୟ ପ୍ରାଥମିକତାରେ ବିପୁଳ ଅସମାନତା ଦ୍ୱାରା ବର୍ଣ୍ଣିତ ସଦସ୍ୟତାରେ, ଜଟିଳ ପ୍ରସଙ୍ଗଗୁଡ଼ିକରେ ସର୍ବସମ୍ମତି ହାସଲ କରିବା କ୍ରମଶଃ କଷ୍ଟକର ହୋଇପଡୁଛି । ବହୁପାକ୍ଷିକ ଚୁକ୍ତିନାମା ଆଗକୁ ବଢ଼ିବାର ଏକ ଉପାୟ ପ୍ରଦାନ କରେ, ଯାହା ଇଚ୍ଛୁକ ଅଂଶଗ୍ରହଣକାରୀମାନଙ୍କୁ ପ୍ରତିବଦ୍ଧତା ପାଇଁ ପ୍ରସ୍ତୁତ ନଥିବା ଲୋକଙ୍କ ଦ୍ୱାରା ପଛକୁ ନପଡ଼ି ନୂତନ ନିୟମ ପ୍ରତିଷ୍ଠା କରିବାକୁ ଅନୁମତି ଦିଏ, କାରଣ ବିଶ୍ୱ ବାଣିଜ୍ୟ ସଂଗଠନ ପୂର୍ବରୁ 'ଗାଟ' ୧୯୪୭ (ଶୁଳ୍କ ଏବଂ ବାଣିଜ୍ୟ ଉପରେ ସାଧାରଣ ଚୁକ୍ତିନାମା)ରେ ଏହି ବ୍ୟବସ୍ଥା ଥିଲା । ଏହି ପ୍ରସଙ୍ଗରେ ଭାରତର ଦୃଷ୍ଟିକୋଣ ଏକ ସତର୍କ ସନ୍ତୁଳନ କାର୍ଯ୍ୟକୁ ପ୍ରତିଫଳିତ କରେ । ନିୟମ ପ୍ରଣୟନକୁ ଆଗକୁ ବଢ଼ାଇବା ପାଇଁ ବହୁପାକ୍ଷିକ ଚୁକ୍ତିନାମାର ସମ୍ଭାବନାକୁ ସ୍ୱୀକାର କରିବା ସହିତ ଭାରତ ନିରନ୍ତର ଭାବରେ ଦୃଢ଼ ସୁରକ୍ଷା ବ୍ୟବସ୍ଥା ପାଇଁ ଆହ୍ୱାନ କରିଆସିଛି ଯାହା ନିଶ୍ଚିତ କରିବ ଯେ, ଏହିପରି ବ୍ୟବସ୍ଥା ବହୁପାକ୍ଷିକ ବ୍ୟବସ୍ଥାକୁ ଦୁର୍ବଳ କରିବ ନାହିଁ । ବହୁପାକ୍ଷିକ ରାଷ୍ଟ୍ରଗୁଡ଼ିକ ମୁଖ୍ୟ ବିଶ୍ୱ ବାଣିଜ୍ୟ ସଂଗଠନ ନୀତିଗୁଡ଼ିକୁ ଅଣଦେଖା କରିବା, ବିଦ୍ୟମାନ ଉଦ୍ଦେଶ୍ୟକୁ ଦୁର୍ବଳ କରିବା କିମ୍ବା ଅଣ-ଭାଗୀଦାର ସଦସ୍ୟମାନଙ୍କୁ କ୍ଷତି ପହଂଚାଇବା ଉଚିତ୍ ନୁହେଁ । ଏହା ବଦଳରେ, ସେମାନେ ବହୁପାକ୍ଷିକ ଢାଂଚାକୁ ପ୍ରତିସ୍ଥାପିତ କରିବା ପରିବର୍ତ୍ତେ ପରିପୂରକ ହେବା ଉଚିତ । ଭାରତ ଏକ ଅସ୍ଥାୟୀ, ଚୁକ୍ତି-ଦ୍ୱାରା-ଚୁକ୍ତିନାମା ମଡେଲ ପରିବର୍ତ୍ତେ ବିଶ୍ୱ ବାଣିଜ୍ୟ ସଂଗଠନ ଢାଂଚାରେ ବହୁପାକ୍ଷିକ ଚୁକ୍ତିନାମାକୁ ଏକୀକୃତ କରିବା ପାଇଁ ଏକ ବ୍ୟାପକ ଏବଂ ପଦ୍ଧତିଗତ ପଦ୍ଧତି ପାଇଁ ସମର୍ଥନ କରେ । ସଂସ୍କାର ଆଲୋଚନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସଂଗଠନର ଅତୀତର ନିର୍ଦ୍ଦେଶନାମା ପାଳନ କରିବାରେ ବିଫଳତା ସହିତ ଜଡିତ । ଏହା ଅନେକ ବିକାଶଶୀଳ ଦେଶ ପାଇଁ ଅସନ୍ତୋଷର ଏକ ପ୍ରମୁଖ ଉତ୍ସ ରହିଛି । ଏହି ଅପୂର୍ଣ୍ଣ ପ୍ରତିଶ୍ରୁତିଗୁଡ଼ିକ - କୃଷି, ବିକାଶ ଏବଂ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଭଳି କ୍ଷେତ୍ରଗୁଡ଼ିକ - କେବଳ ନିୟମ ପ୍ରଣୟନରେ ଫାଙ୍କା ସ୍ଥାନ ପ୍ରଦାନ କରେ ନାହିଁ, ବରଂ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଦୀର୍ଘକାଳୀନ ଅସମାନତାକୁ ଦୂର କରିବା ପାଇଁ ସୁଯୋଗ ହରାଇଛି । ବିଶେଷକରି କୃଷି, ଏହି ଅସନ୍ତୁଳନର ଗଭୀରତାକୁ ଦର୍ଶାଏ । ବିକଶିତ ଦେଶମାନେ ସେମାନଙ୍କର କୃଷି କ୍ଷେତ୍ରକୁ ସବସିଡି ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ନମନୀୟତା ବଜାୟ ରଖିଛନ୍ତି, ଯାହା ସେମାନଙ୍କର ଚାଷୀମାନଙ୍କୁ ବିଶ୍ୱ ବଜାରରେ ପ୍ରତିଯୋଗିତାମୂଳକ ରହିବାକୁ ସକ୍ଷମ କରିଥାଏ । ସେହି ସମୟରେ, ବିକାଶଶୀଳ ଦେଶମାନେ ସେମାନଙ୍କର ନିଜ ଚାଷୀମାନଙ୍କୁ ପ୍ରଦାନ କରିପାରିବା ପ୍ରକାର ଏବଂ ସମର୍ଥନର ସ୍ତର ଉପରେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି । ଏହି ଅସମାନତା ସାଂରଚନିକ ଅସୁବିଧାକୁ ସ୍ଥାୟୀ କରିଥାଏ, ବିଶ୍ୱ ଦକ୍ଷିଣରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାକୁ ଦୁର୍ବଳ କରିଥାଏ ଏବଂ ବିଶ୍ୱ ବାଣିଜ୍ୟ ପ୍ରବାହକୁ ବିକୃତ କରିଥାଏ । କୃଷି ବ୍ୟତୀତ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ କ୍ଷମତା ନିର୍ମାଣକୁ ନିୟନ୍ତ୍ରଣ କରୁଥିବା ଅଧିକ ସମାନ ଢାଂଚାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଉନ୍ନତି ଦ୍ୱାରା ପରିଭାଷିତ ଏକ ଯୁଗରେ, ଜ୍ଞାନ, ନବାଚାର ଏବଂ ଜ୍ଞାନକୌଶଳର ପ୍ରବେଶ ଅର୍ଥନୈତିକ ବିକାଶର ଏକ ପ୍ରମୁଖ ନିର୍ଣ୍ଣାୟକ ପାଲଟିଛି । ତଥାପି, ପ୍ରଚଳିତ ନିୟମଗୁଡ଼ିକ ପ୍ରାୟତଃ ବିଦ୍ୟମାନ ପଦାନୁକ୍ରମକୁ ସୁଦୃଢ଼ କରିଥାଏ, ଯାହା ବିକାଶଶୀଳ ଦେଶଗୁଡ଼ିକର ମୂଲ୍ୟ ଶୃଙ୍ଖଳାକୁ ଉପରକୁ ଉଠାଇବାର କ୍ଷମତାକୁ ସୀମିତ କରିଥାଏ । ଏହି ଅସମାନତାକୁ ସମାଧାନ କରିବା ଏକ ଅଧିକ ସମାଯୋଜିତ ଏବଂ ସନ୍ତୁଳିତ ବାଣିଜ୍ୟ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଅତ୍ୟାବଶ୍ୟକ । ସ୍ୱତନ୍ତ୍ର ଏବଂ ପୃଥକ୍ ଚିକିତ୍ସା (ଏସଆଣ୍ଡଡିଟି) ଉପରେ ବିତର୍କ ବିଶ୍ୱ ବାଣିଜ୍ୟ ସଂଗଠନ ସଂସ୍କାରର ଜଟିଳତା ଉପରେ ଅଧିକ ଗୁରୁତ୍ୱାରୋପ କରେ । ମୂଳତଃ ସର୍ବନିମ୍ନ ବିକାଶଶୀଳ ଏବଂ ବିକାଶଶୀଳ ଦେଶମାନଙ୍କୁ ଏକ ଅଣ-ପାରସ୍ପରିକ ବଜାର ପ୍ରବେଶ ଏବଂ ବାଣିଜ୍ୟ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାରେ ଅଧିକ ନମନୀୟତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଥିବା ବେଳେ ଏସଆଣ୍ଡଡିଟି ଏକ ବିବାଦୀୟ ପ୍ରସଙ୍ଗ ପାଲଟିଛି । କେତେକ ବିକଶିତ ରାଷ୍ଟ୍ର ଯୁକ୍ତି ଦର୍ଶାନ୍ତି ଯେ ବର୍ତ୍ତମାନର ସ୍ୱ-ନିର୍ଦ୍ଦେଶନ ବ୍ୟବସ୍ଥା ଅପେକ୍ଷାକୃତ ଉନ୍ନତ ଅର୍ଥନୀତିଗୁଡ଼ିକୁ କମ୍ ବିକଶିତ ରାଷ୍ଟ୍ରଗୁଡ଼ିକ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାରୁ ଲାଭ ପାଇବା ଜାରି ରଖିବାକୁ ଅନୁମତି ପ୍ରଦାନ କରେ । ଭାରତ ଏହି ଆଶଙ୍କାଗୁଡ଼ିକୁ ସ୍ୱୀକାର କରେ କିନ୍ତୁ ସାମଗ୍ରିକ ଅର୍ଥନୈତିକ ଆକାର ଭଳି ମନୋମୁଖୀ ମାପଦଣ୍ଡ ଉପରେ ଆଧାରିତ ସରଳ ସମାଧାନ ବିରୁଦ୍ଧରେ ସମସ୍ତଙ୍କୁ ସତର୍କ କରାଏ । ଅପର ପକ୍ଷରେ, ବାସ୍ତବ ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବା ନିମନ୍ତେ ଏସଆଣ୍ଡଡିଟିକୁ ଏକ ପ୍ରଭାବଶାଳୀ ସାଧନ ଭାବରେ ରଖିବା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯିବା ଉଚିତ । ଏଥିପାଇଁ ଏକ ଅଧିକ ସୂକ୍ଷ୍ମ ପଦ୍ଧତି ଆବଶ୍ୟକ - ଯାହା ବିକାଶଶୀଳ ବିଶ୍ୱ ମଧ୍ୟରେ ଆର୍ଥିକ ପରିସ୍ଥିତିର ବିବିଧତାକୁ ସ୍ୱୀକାର କରେ ଏବଂ ସେହି ଅନୁଯାୟୀ ନମନୀୟତାକୁ ଯଥାର୍ଥ ବୋଲି ଯୁକ୍ତି ପ୍ରଦାନ କରେ । ଏହି ସମସ୍ୟାଟି ସମ୍ପ୍ରତି ଆହୁରି ଜଟିଳ ହୋଇଛି, କାରଣ ଅନେକ ବିକଶିତ ରାଷ୍ଟ୍ର ସବସିଡି ଅଧିକାର ଦୃଷ୍ଟିରୁ କୃଷି କ୍ଷେତ୍ରରେ ଉପଭୋଗ କରିଆସୁଛନ୍ତି, ଯାହାକୁ କେତେକ ସମୟରେ ରିଭର୍ସ ଏସଆଣ୍ଡଡିଟି ବୋଲି କୁହାଯାଏ । ପରିଶେଷରେ, ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାର ଭବିଷ୍ୟତ ଏହାର ସଦସ୍ୟମାନଙ୍କ ପ୍ରତିଯୋଗିତାମୂଳକ ସ୍ୱାର୍ଥକୁ ସମନ୍ୱିତ କରିବା ଏବଂ ଅଂଶୀଦାର ସଂସ୍ଥାଗୁଡ଼ିକରେ ବିଶ୍ୱାସ ପୁନଃନିର୍ମାଣ କରିବାର କ୍ଷମତା ଉପରେ ନିର୍ଭର କରେ । ଚ୍ୟାଲେଞ୍ଜ ଗୁଡ଼ିକ ଜଟିଳ ଅବଶ୍ୟ, କିନ୍ତୁ ଏହାକୁ ଅଣଦେଖା କରିବା ପାଇଁ ସର୍ତ୍ତ ତା'ଠାରୁ ଅଧିକ । ଏକ ଦୁର୍ବଳ ବିଶ୍ୱ ବାଣିଜ୍ୟ ସଂଗଠନ ଏକପାକ୍ଷିକତା ଏବଂ ଶକ୍ତି-ଆଧାରିତ ମୂଲ୍ୟ ନିର୍ଦ୍ଧାରଣ ଦ୍ୱାରା ପରିଭାଷିତ ଏକ ଖଣ୍ଡିତ ବିଶ୍ୱ ଅର୍ଥନୀତିକୁ ବାଟ ଦେଖାଇବା ପରିବର୍ତ୍ତେ ଏଥିପାଇଁ ଅଧିକ ବିପଦ ସୃଷ୍ଟି କରେ । ଏହାର ଠିକ୍ ବିପରୀତ ଭାବରେ, ଏକ ସଂସ୍କାରିତ ଏବଂ ପୁନର୍ଗଠିତ ବିଶ୍ୱ ବାଣିଜ୍ୟ ସଂଗଠନ ଅଧିକ ସ୍ଥିର, ଅନ୍ତର୍ଭୁକ୍ତ ଏବଂ ସହଯୋଗପୂର୍ଣ୍ଣ ବିଶ୍ୱ କ୍ରମକୁ ଆଗକୁ ଆଗେଇ ନେବାରେ ସହାୟକ ହେବାର ସମ୍ଭାବନା ରଖିଛି । ଭାରତର ବ୍ୟାପକ ବାଣିଜ୍ୟ ରଣନୀତି ବହୁପାକ୍ଷିକ ମଂଚଗୁଡ଼ିକରେ ସକ୍ରିୟ ଅଂଶଗ୍ରହଣ ସହିତ ଦ୍ୱିପାକ୍ଷିକ ଏବଂ ଆଂଚଳିକ ଚୁକ୍ତିନାମାଗୁଡ଼ିକର ଅନୁସରଣକୁ ମଧ୍ୟ ଏକତ୍ରିତ କରିଥାଏ । ବାଣିଜ୍ୟ ନୀତି କ୍ରମଶଃ ଜଟିଳ ହେବାରେ ଲାଗିଛି-ଯେଉଁଥିରେ ନିୟାମକ ମାନକ, ଡିଜିଟାଲ୍ ଶାସନ ଏବଂ ଯୋଗାଣ-ଶୃଙ୍ଖଳା (ସପ୍ଲାଇ ଚେନ୍) ସମନ୍ୱୟ ଅନ୍ତର୍ଭୁକ୍ତ-ଏଭଳି ପରିସ୍ଥିତିରେ ସମାନ ବିଚାରଧାରା ବିଶିଷ୍ଟ ଅଂଶୀଦାରମାନଙ୍କ ମଧ୍ୟରେ ମୁକ୍ତ



ଶ୍ରୀ ରାଜେଶ ଅଗ୍ରୱାଲ

ବାଣିଜ୍ୟ ଚୁକ୍ତି (ଏଫଟିଏ) ଗଭୀର ଅର୍ଥନୈତିକ ସମନ୍ୱୟ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଉଭା ହୋଇଛି । ତେବେ, ଚାଲିଥିବା ସଂସ୍କାର ଆଲୋଚନାରେ ଭାରତର ଗଠନମୂଳକ ଅଂଶଗ୍ରହଣ ଏହି କାର୍ଯ୍ୟର ଜରୁରୀକାଳୀନ ପରିସ୍ଥିତି ଏବଂ ଜଟିଳତା ଉଭୟର ସ୍ୱୀକୃତିକୁ ପ୍ରତିଫଳିତ କରେ । ସନ୍ତୁଳିତ, ଅନ୍ତର୍ଭୁକ୍ତିମୂଳକ ଏବଂ ପ୍ରଗତିଶୀଳ ସଂସ୍କାର ପାଇଁ ଓକିଲାତି କରି ଭାରତ ଏହା ନିଶ୍ଚିତ କରିବାକୁ ଚାହୁଁଛି ଯେ ଏକ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ବିଶ୍ୱ ବାଣିଜ୍ୟ ସଂଗଠନ ପ୍ରାସଙ୍ଗିକ ହୋଇ ରହୁ-ଏକ ଅନୁଷ୍ଠାନ ଯାହା କେବଳ ବାଣିଜ୍ୟ ପରିଚାଳନା କରିବା ପାଇଁ ନୁହେଁ, ବରଂ ଏକ ଅଧିକ ନ୍ୟାୟସଙ୍ଗତ ବିଶ୍ୱ ଅର୍ଥନୈତିକ ଭବିଷ୍ୟତ ଗଠନ କରିବା ପାଇଁ ମଧ୍ୟ ସକ୍ଷମ ଅଟେ । ଅନ୍ୟ ସବୁ ଅପେକ୍ଷା, ବିଶ୍ୱ ବାଣିଜ୍ୟ ସଂଗଠନ ବ୍ୟବସାୟଗୁଡ଼ିକୁ ନିଶ୍ଚିତତା, ପୂର୍ବାନୁମାନ ଯୋଗ୍ୟତା, ଅନ୍ତର୍ଭୁକ୍ତିକରଣ, ସମାନତା ଏବଂ ସରଳତା ପ୍ରଦାନ କରିଥାଏ, ଅର୍ଥାତ୍ ଏକ ନିୟମ-ଆଧାରିତ ବାଣିଜ୍ୟିକ ବ୍ୟବସ୍ଥା ସୃଷ୍ଟି କରିଥାଏ ।

***ଏହି ପ୍ରବନ୍ଧରେ ପ୍ରତିଫଳିତ ମତାମତ ଲେଖକଙ୍କର ନିଜସ୍ୱ ।(ଲେଖକ କେନ୍ଦ୍ର ସରକାରରେ ବାଣିଜ୍ୟ ବିଭାଗର ସଚିବ ପଦରେ ଅବସ୍ଥାପିତ)***

# ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା

ସୋର(ନିପ୍ର): ସୋର ସଂସ୍କୃତି ଭବନ ସଭାଗୃହରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଶିଳ୍ପୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ସ୍ମରଣିକା 'ଶିଳ୍ପୀରାଜ ରାଜବଲ୍ଲଭ'କୁ ଲୋକାର୍ପଣ କରି କହିଲେ ଯେ ସ୍ୱର୍ଗତ ରାଜବଲ୍ଲଭ ବାବୁ ଯେପରି ଜଣେ ବିଶିଷ୍ଟ ଚିତ୍ର ଶିଳ୍ପୀ ସେହିପରି ଜଣେ ଦରଦୀ ମଣିଷ ଥିଲେ । ସମ୍ମାନିତ ଅତିଥି ଭାବେ ଭାସ୍କର ଶିଳ୍ପୀ ବ୍ରଜ କିଶୋର ଜେନା, ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ବନମାଳୀ ବେହେରା, ସ୍ୱର୍ଗତ ଶିଳ୍ପୀଙ୍କ ସହଧର୍ମିଣୀ ଦୀପ୍ତି ଦଣ୍ଡପାଟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଚକ୍ରଧର ପାଢ଼ୀ, କବି ଭରତ ଦାଶ, ମହେଶ୍ୱର ପଣ୍ଡା, ଚେମେଇ ଦାସ, ପୂର୍ବାଶା ମହାନ୍ତି, ରାମଚନ୍ଦ୍ର ପୃଷ୍ଟି, ଅଚ୍ୟୁତ କୁମାର ପଣ୍ଡା, ରବୀନ୍ଦ୍ର କୁମାର ସାସ, ମହେଶ୍ୱର ବେହେରା, ରଶ୍ମିତା ସାହୁ, ଅକ୍ଷୟ କୁମାର ଜେନା, ଚିତ୍ର ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ଗଗନ ଚନ୍ଦ୍ର ଧର, ଅରୁଣ କୁମାର ଲେଙ୍କା ଓ ସ୍ୱର୍ଗତ ଶିଳ୍ପୀଙ୍କ ସାନଭାଇ ନଳିନୀ ବଲ୍ଲଭ ସାହୁ ସ୍ମୃତିଚାରଣ କରିଥିଲେ । ଚନ୍ଦ୍ରମୋହନ ମହାପାତ୍ର ମଂ ପରିଚାଳନା କରିଥିବା ବେଳେ ବୋହୂ ତୃପ୍ତିମୟୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଦାମୋଦର ଦାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ରେ କୁମାର ପ୍ରଧାନ ସ୍ୱର୍ଗତ ଶିଳ୍ପୀଙ୍କ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ପୁତ୍ର ଅରୋଆଶିଷ ବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଝିଅ ଓ ଜ୍ୱାଇଁ ଡା. ସୁଚିସ୍ମିତା ସାହୁ ଓ ଡା.ଲୋହିତ ମହାନ୍ତି ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସନ୍ତରାଗଡିଆରେ ଜନ ଆକ୍ରୋଶ ବିଶାଳ ମହିଳା ସମାବେଶ



ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ ସନ୍ତରାଗଡିଆ ସ୍ଥିତ ବାବା ପଂଚଲିଙ୍ଗେଶ୍ୱର ମହାବିଦ୍ୟାଳୟ ପାଖ ମନ୍ଦିର ଡିହ ପଡିଆରେ ପଂଚଲିଙ୍ଗେଶ୍ୱର ମଣ୍ଡଳ ସ୍ତରୀୟ, ପାଂଚଟି ପଂଚାୟତ ଅର୍ଥାତ୍ ଈଶ୍ୱର ପୁର, କାଣ୍ଡଗରଡି, ଶ୍ୟାମ ସୁନ୍ଦରପୁର, ବାଉଁଶବଣିଆ ଓ ଦକ୍ଷିଣ ନରସିଂହ ପୁରର ଆସିଥିବା ମହିଳା ମାନଙ୍କ ଦ୍ୱାରା ଜନ ଆକ୍ରୋଶ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଜି ଭାରତର ସମସ୍ତ ନାରୀ ମାନଙ୍କ ପାଇଁ 'ମହିଳା ବନ୍ଦନା ଅଧି ନିୟମ 'ବିଲ୍ ଆଗତ ପାଇଁ ଲୋକ ସଭାରେ ବିଲ୍ ଆଣିଥିଲେ କିନ୍ତୁ ଟି ଏମ ସି, କଂଗ୍ରେସ, ବିଜେଡି, ଆମ୍ ଆଦମୀ ପାର୍ଟି, ଏ ଡି ଏମ କେ ଏବଂ ସମସ୍ତ ବିରୋଧୀ ଦଳ ଏହି ବିଲ୍ କୁ ପାସ୍ କରିବାକୁ ଦେଇ ନଥିଲେ । ଏହି ପରିପେକ୍ଷୀରେ ସନ୍ତରାଗଡିଆ ବଜାର ପାଖ ମେସିନ ଛକ ଠାରୁ ମନ୍ଦିର ଡିହ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ମହିଳା ରାଲି ଆସି ସେଇ ପଡିଆ ଠାରେ ବିରାଟ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ଜିଲ୍ଲା ମହିଳା ସଭାପତି ସସ୍ମିତା ପଣ୍ଡା, କାଣ୍ଡଗରଡି ପଂଚାୟତର ସରପଂଚ ରାଜେନ୍ଦ୍ର ରାଉତ୍, ଦକ୍ଷିଣ ନରସିଂହ ପୁରର ସମିତି ସଭ୍ୟା ପଦ୍ମଜା କାନୁନଗୋ, ଏହି ସମାବେଶର ସଂଯୋଜକ ନିବେଦିତା ଦାଶ ମଂଚରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ମଂଚ ପରିଚାଳନା କରିଥିଲେ ଔପଦା ବ୍ଲକ୍ ଜୁନ୍ ୨ ର ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉଷା ରାଣୀ ରାଉଳ ମଂଚ ପରିଚାଳନା କରିଥିଲେ । ମଣ୍ଡଳ ସଭାପତି ଅନନ୍ତ ଗିରି, ବିଜେପି ଜିଲ୍ଲା ସମ୍ପାଦକ ବଳରାମ ବିଶ୍ୱାଳ, ଜୟଦେବ ବେହେରା, ଅଶ୍ୱିନୀ ପାତ୍ର, ରଞ୍ଜିତ ପଣ୍ଡିତ, ରମାକାନ୍ତ ସ, ସୁଶାନ୍ତ ଦାସ, ବସନ୍ତ ରାଉଳ, ଟୁନୁ ପଟ୍ଟନାୟକ, ହୃଦାନନ୍ଦ ମଲ୍ଲିକ, କରୁଣା କର ରାଉତ୍, ଲକ୍ଷ୍ମୀକାନ୍ତ ରାଉତ୍, ଦେବେନ୍ଦ୍ର ନାୟକ, ସମର ଶଙ୍କର କାନୁନଗୋ, ପ୍ରଭାକର ରାଜ୍, ଗଣେଶ୍ୱର ପରିଡା, ପ୍ରତାପ ପାଢ଼ୀ, ମନୋରଞ୍ଜନ ନାୟକ ଇତ୍ୟାଦି ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ବାଲି 'ମାଫିଆ'ଙ୍କୁ ପୋଲିସର କ୍ଲିନ୍‌ଚିଟ୍




ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ଥାନା ଅଂଚଳରେ ବାଲି ଚୋରା ଚାଲାଣକୁ ନେଇ ଏକ ଚାଂଚଲ୍ୟକର ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଖଣି ବିଭାଗ ଓ ପୋଲିସର ଭୂମିକା ମଧ୍ୟରେ ଘୋର ବିରୋଧାଭାସ ଦେଖିବାକୁ ମିଳିଛି । ଖଣି ବିଭାଗ ନିଜର ଦାୟିତ୍ୱ ନିଷ୍ଠାର ସହ ତୁଲାଇ ବେଆଇନ ଭାବେ ବାଲି ବୋହୁଥିବା ଦୁଇଟି ଶକ୍ତିଶାଳୀ ହାଇୱା ଗାଡ଼ିକୁ ଜବତ କରିଥିବା ବେଳେ, ସ୍ଥାନୀୟ ପୋଲିସ କିନ୍ତୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପାଇଁ ହାସ୍ୟାସ୍ପଦ ବାହାନା ପ୍ରସ୍ତୁତ କରିଛି । ଥାନା ପରିସରରେ ଗାଡ଼ିରୁ ବାଲି ଖାଲି କରି ଅଭିଯୁକ୍ତଙ୍କୁ ସୁରକ୍ଷିତ ଭାବେ ଖସାଇ ଦେବା ପୋଲିସର ଭୂମିକାକୁ ଏବେ ସନ୍ଦେହ ଘେରକୁ ଟାଣିଛି । ସୂଚନା ଅନୁସାରେ, ରବିବାର ସରକାରୀ ଛୁଟି ଦିନ ଥିଲେ ମଧ୍ୟ ବିଶେଷ ସୂତ୍ରରୁ ଖବର ପାଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ନିଜ ଟିମ୍ ସହ ବଡ଼ି ଭୋରରୁ ଧାମନଗର ଅଂଚଳରେ ଚଢ଼ଉ କରିଥିଲେ । ଧାମନଗର ଥାନା ଅଂଚଳ ଖଡ଼ିପଦା-ଦିହୁଡ଼ି ଆନନ୍ଦପୁର ରାସ୍ତାର ଖଡ଼ିପଦା ପଂଚାୟତ ଅଫିସ ନିକଟରେ ବାଲି ଚୋରା ଚାଲାଣ କରୁଥିବା ଦୁଇଟି ହାଇୱା ଗାଡ଼ିକୁ ସେ ଅଟକାଇଥିଲେ । ଜବତ ହୋଇଥିବା ଗାଡ଼ି ଦୁଇଟିର ନମ୍ବର (ଓଡ଼ି ୨୨ ଇଡ଼୭୨୧୧ ଏବଂ ଓଡ଼ି ୨୨ ଇଡ଼୫୧୨୫) ଅଟେ । ଏହି ଚଢ଼ଉ ସମୟରେ ଖଣି ଅଧିକାରୀଙ୍କ ସହ ଧାମନଗର ଥାନାର ଏଏସ୍ଆଇ ନରେନ୍ଦ୍ର ରାଉତ ଓ ପୋଲିସ ଟିମ୍ ମଧ୍ୟ ସାମିଲ ଥିଲେ । ଖଣି ଅଧିକାରୀ ଗାଡ଼ି ଦ୍ୱୟର ଚାଳକମାନଙ୍କୁ ଲଘୁ ଖଣିଜ ପଦାର୍ଥ ପରିବହନ ଲାଗି ଆବଶ୍ୟକୀୟ ବୈଧ ଟ୍ରାଞ୍ଜିଟ୍ ପାସ୍ ବା 'ୱାଇ-ଫର୍ମ' (Y-Form) ମାଗିଥିଲେ । ମାତ୍ର ଡ୍ରାଇଭର ମାନେ କୌଣସି କାଗଜପତ୍ର ଦେଖାଇ ପାରିନଥିଲେ । ବାଲି ଚୋରା ଚାଲାଣ ହେଉଥିବା ସ୍ପଷ୍ଟ ହେବା ପରେ ଖଣି ଅଧିକାରୀ (OD 22 AD7211 I OD 22 AC5125 ) ନମ୍ବର ବିଶିଷ୍ଟ ଗାଡ଼ି ଦୁଇଟିକୁ ଜବତ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଧାମନଗର ଥାନା ପୋଲିସ ହେପାଜତରେ ଦେଇଥିଲେ । ଚଢ଼ଉ ପରେ ଗାଡ଼ି ସହ ସରକାରୀ ଅଧିକାରୀଙ୍କ ଫଟୋ (ଜିପିଏସ୍ ଟ୍ୟାଗ୍ ସହ) ମଧ୍ୟ ଉତୋଳନ କରାଯାଇଥିଲା, ଯାହା ବେଆଇନ କାର୍ଯ୍ୟକଳାପର ସ୍ପଷ୍ଟ ପ୍ରମାଣ । ଆଇନ ଅନୁସାରେ, ବେଆଇନ ଲଘୁ ଖଣିଜ ପଦାର୍ଥ ଚୋରି ଏବଂ ପରିବହନ ଅଭିଯୋଗରେ ପୋଲିସ ଗାଡ଼ି ଦୁଇଟି ଏବଂ ଏହାର ଚାଳକଙ୍କ ବିରୋଧରେ ମାମଲା ରୁଜୁ କରି ଡ୍ରାଇଭରମାନଙ୍କୁ ଗିରଫ କରିବା କଥା । ମାତ୍ର ଧାମନଗର ଥାନା ପରିସରକୁ ଗାଡ଼ି ଆସିବା ପରେ ସବୁ ଗଣିତ ଓଲଟପାଲଟ ହୋଇଯାଇଥିଲା । ପୋଲିସ ମାମଲା ରୁଜୁ କରିବା ବଦଳରେ ଥାନା ପରିସରରେ ହିଁ ହାଇୱାରୁ ବାଲି ଖାଲି କରିଦେଇଥିଲା, ଯାହା ଅତ୍ୟନ୍ତ ସନ୍ଦେହ ଜନକ । ଗଣମାଧ୍ୟମକୁ ସୂଚନା ଦେଇ ଧାମନଗର ପୋଲିସ କହିଛି ଯେ, ଥାନା ପରିସରରେ ନିର୍ମାଣ କାମ ଚାଲୁଥିବାରୁ ସମ୍ପୃକ୍ତ ଠିକାଦାର ବାଲି ମଗାଇଥିଲେ । ପୋଲିସର କହିବା ଅନୁସାରେ, ଠିକାଦାରଙ୍କ ପାଖରେ ବୈଧ 'ୱାଇ-ଫର୍ମ' ଥିଲା, କିନ୍ତୁ ଭୁଲ୍ ସୂଚନା ଆଧାରରେ ଖଣି ବିଭାଗ ଏହି ଦୁଇଟି ଗାଡ଼ିକୁ ଜବତ କରିଛି । ପୋଲିସର ଏହି ସଫେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଯଦି ଥାନା କାମ ପାଇଁ ବାଲି ଆସୁଥିଲା ଏବଂ ଖଣି ଅଧିକାରୀଙ୍କ ସହ ଧାମନଗର ଥାନାର ଏଏସ୍ଆଇ ନିଜେ ଚଢ଼ଉରେ ଥିଲେ, ତେବେ ସେ କାର୍ଯ୍ୟସ୍ଥଳରେ ଖଣି ଅଧିକାରୀଙ୍କୁ ଏ ବିଷୟରେ କାହିଁକି ଜଣାଇଲେ ନାହିଁ ? ନିୟମ ଅନୁସାରେ 'ୱାଇ-ଫର୍ମ' ଗାଡ଼ି ଚାଳକଙ୍କ ପାଖରେ ରହିବା ବାଧ୍ୟତା ମୂଳକ । ଗାଡ଼ି ଧରାପଡ଼ିବା ସମୟରେ ଦୁଇ ଗାଡ଼ିର ଡ୍ରାଇଭରମାନେ କାହିଁକି ଫର୍ମ ଦେଖାଇ ପାରିଲେ ନାହିଁ ? ସ୍ଥାନୀୟ ଚର୍ଚ୍ଚା ଅନୁସାରେ, ସମ୍ପୃକ୍ତ ବାଲି ମାଫିଆ ବା ଗାଡ଼ି ମାଲିକଙ୍କ ସହ ଥାନାର ପୂର୍ବରୁ 'ମଧୁର ବୁଝାମଣା' ରହିଛି ।



# ବାସୁଦେବ ପୀଠରେ ଶ୍ରୀବିଗ୍ରହ ନିର୍ମାଣ ପାଇଁ ଦାରୁ ଚିହ୍ନଟ

ଧାମନଗର (ନି.ପ୍ର.): ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଅବସ୍ଥିତ ଧାମନଗର ବ୍ଲକ ଅର୍ଜୁନପୁର ପଂଚାୟତର ବାଲିପାଟଣା ସ୍ଥିତ ବାସୁଦେବ ପୀଠ । ଏହି ପୀଠରେ ବର୍ତମାନ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ, ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଶ୍ରୀବିଗ୍ରହ ନିର୍ମାଣ ପାଇଁ ପବିତ୍ର ଦାରୁ ଚିହ୍ନଟ ହୋଇଛି । ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ଅଂଚଳରେ ଏକ ଆଧାତ୍ମିକ ଓ ଭାବମୟ ପରିବେଶ ସୃଷ୍ଟି ହୋଇଛି । ସ୍ଥାନୀୟ ବିରୁହା ଗ୍ରାମର ଚୈତନ୍ୟ ଜେନାଙ୍କ ବାଡ଼ିରୁ ଏହି ପବିତ୍ର ଦାରୁ ଠାବ କରାଯାଇଥିଲା । ଏହାପରେ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ସେଠାରେ



ବିଧିବଦ୍ଧ ପୂଜାପାଠ ଏବଂ ହୋମଯଜ୍ଞ କରାଯାଇ ଦାରୁ ଛେଦନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ପ୍ରାୟ ୨ ହଜାରରୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦାରୁ ଦର୍ଶନ କରିବା ସହ ଆଧାତ୍ମିକ ଆନନ୍ଦ ଲାଭ କରିଥିଲେ । ଦାରୁ ଛେଦନ ପରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ମଧ ବ୍ୟବସ୍ଥା କରାଯାଇଥିଲା ।ଦାରୁ ଛେଦନ ପରେ ଏକ ସଂକୀର୍ତନ ଦଳ ସହ ଭକ୍ତମାନେ ହରିବୋଲ, ହୁଳହୁଳି ଏବଂ ମଙ୍ଗଳ ଆଳତି ମଧ୍ୟରେ ଏକ ଭବ୍ୟ ଶୋଭାଯାତ୍ରାରେ ଦାରୁକୁ ବାସୁଦେବ ପୀଠକୁ ଆଣିଥିଲେ । ଭକ୍ତଙ୍କ ଗହଳି ଓ ଭାବପୂର୍ଣ୍ଣ କୀର୍ତନ-ଭଜନରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା ।ମନ୍ଦିର କମିଟି ଓ ସ୍ଥାନୀୟ ଅଧିବାସୀଙ୍କ ସୂଚନା ଅନୁଯାୟୀ, ଆସନ୍ତା ୨୦୨୭ ମସିହା ଫେବୃଆରୀ ମାସରେ ୧୮ ତାରିଖ ରେ ଏହି ନବନିର୍ମିତ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ । ଏଥିସହିତ ଚିହ୍ନଟ ଦାରୁରେ ନିର୍ମିତ ତିନି ଠାକୁରଙ୍କ ଶ୍ରୀବିଗ୍ରହ ସେହି ସମୟରେ ମନ୍ଦିରରେ ରୀତିନୀତି ଅନୁଯାୟୀ ପ୍ରତିଷ୍ଠା ଓ ସ୍ଥାପନ କରାଯିବ । ବର୍ତମାନ ଏହି କାର୍ଯ୍ୟକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ପ୍ରକାଶ ପାଇଛି ।

# କେନ୍ଦ୍ରର ୟୁଜିସି ବିଲ୍ ଓ ରାଜ୍ୟର ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତି ଆଧାରିତ କୋଟା ବିରୁଦ୍ଧରେ ସାଧାରଣ ବର୍ଗ ପକ୍ଷରୁ ବିକ୍ଷୋଭ



ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱରରେ ଆଜି ସାଧାରଣ ବର୍ଗର ଲୋକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଟଏଉ ବିଲ୍ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ବର୍ଦ୍ଧିତ ଜାତି ଆଧାରିତ ସଂରକ୍ଷଣ ପ୍ରତ୍ୟାହାର ଦାବିରେ ଏକ ବିକ୍ଷୋଭ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏଥିରେ ଶତାଧିକ ସଚେତନ ନାଗରିକଙ୍କ ସମେତ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନର ପ୍ରତିନିଧିମାନେ ସମ୍ମିଳିତ ହୋଇଥିଲେ । ଆନ୍ଦୋଳନରେ ଯୋଗଦେଇ ରାଜଧାନୀ ନାଗରିକ ମଂଚର ସଦସ୍ୟା ଟାଇଫୁନ୍ ଦାସ କହିଛନ୍ତି ଯେ, ଆଜିର ପରିସ୍ଥିତିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ ଶିକ୍ଷା, ଚାକିରି ଓ ନିଯୁକ୍ତି କ୍ଷେତ୍ରରେ ଅନିଶ୍ଚିତତା ଓ ବିଷମତାର ସମ୍ମୁଖୀନ ହେଉଛନ୍ତି । ପିଲାଙ୍କ ଭବିଷ୍ୟତ ଚିନ୍ତାରେ ଅଭିଭାବକମାନେ ଅବସାଦଗ୍ରସ୍ତ । ବସୁନ୍ଧରା ପରିବାରର ରାଜ୍ୟ ସଂଯୋଜକ ସୁଶାନ୍ତ କୁମାର ମିଶ୍ର ନିଜ ମନ୍ତବ୍ୟରେ କହିଥିଲେ ଯେ, “ସାମାଜିକ ନ୍ୟାୟ ନାମରେ ଗଠିତ ନୀତିଗୁଡ଼ିକ ବାସ୍ତବରେ ସମାଜରେ ବିଷମତାକୁ ବଢ଼ାଇ ସମାଜିକ ସଦ୍ଭାବନାକୁ ନଷ୍ଟ କରୁଛି ଏବଂ ସାଧାରଣ ବର୍ଗର ଯୁବପିଢ଼ୀଙ୍କ ଭବିଷ୍ୟତକୁ ଅନ୍ଧାର କରି ଦେଉଛି ।” ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଡାକ୍ତରୀ, ଇଞ୍ଜିନିୟରିଂ ଓ ମ୍ୟାନେଜମେଂଟ ଭଳି ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତିକୋଟା ପ୍ରୟୋଗ କରାଯିବା ଦ୍ୱାରା ଯୋଗ୍ୟତା ଓ ପ୍ରତିଭାର ଅବମୂଲ୍ୟାୟନ ହେଉଛି ଏବଂ ଦେଶ ରସାତଳଗାମୀ ହେଉଛି । ସେ କହିଥିଲେ ଯେ, ଏହା ଦ୍ୱାରା ବୃତିଗତ କ୍ଷେତ୍ରରେ ପାରଦର୍ଶିତା କ୍ଷୀଣ ହୋଇ ସମାଜରେ ସରକାରୀ ବ୍ୟବସ୍ଥା ପ୍ରତି ବିତୃଷ୍ଣା ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶା ଉତ୍ଥାନ ମହାସଭାର ସଭାପତି ସୁରେଶ କୁମାର ମିଶ୍ର କହିଛନ୍ତି ଯେ, ରାଜ୍ୟର ଛାତ୍ରଛାତ୍ରୀମାନେ ନିଟ୍ ଓ ଇଞ୍ଜିନିୟରିଂ ଆଦି ପରୀକ୍ଷା ପାଇଁ କଠିନ ପ୍ରସ୍ତୁତି ନେଉଥିବା ବେଳେ, ଏପରି ନୀତିଗତ ପରିବର୍ତନ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ମନୋବଳକୁ ଦୁର୍ବଳ କରୁଛି । ଏହା ଅଭିଭାବକମାନଙ୍କ ମଧ୍ୟରେ ମଧ ଗଭୀର ଚିନ୍ତା ସୃଷ୍ଟି କରିଛି । ଏହା ଉପରେ ଶିକ୍ଷା ବିଭାଗର ଅପାରଗତା ଯୋଗୁଁ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଆହୁରି ଦୁର୍ଭାଗ୍ୟଜନକ । ବୋଝ ଉପରେ ନଳିତା ବିଡ଼ା ସଦୃଶ ଏ କଷ୍ଟ ପିଲାଙ୍କ ପାଇଁ ଅସହନୀୟ । ସରକାର ତୁରନ୍ତ ଏ ନିଷ୍ପତି ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି । ସ୍ନେହୀ ସମାଜର ଅମରେନ୍ଦ୍ର ପ୍ରସାଦ ସାହୁ କହିଛନ୍ତି ଯେ, ଓଡ଼ିଶାରେ ସାହୁ ସମାଜ ଏକ ସୁରକ୍ଷିତ ଆଗୁଆ ବର୍ଗ ହୋଇଥିଲା ବେଳେ ଆମକୁ ପଛୁଆ ବର୍ଗରେ ସାମିଲ୍ କରି ଜବରଦସ୍ତ ଆମ ମଥାରେ କଳଙ୍କ ଲଗା ଯାଇଛି । ଏହା ଆମ ଅସ୍ମିତାକୁ ଆଘାତ ଦେଇ ଚାଲିଛି । କେବଳ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଲୋକଙ୍କୁ ସହାୟତା କରିବା ସହ ସାହୁ ସମ୍ପ୍ରଦାୟକୁ ସାଧାରଣ ବର୍ଗରେ ସାମିଲ୍ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ସାଧାରଣ ବର୍ଗ ପ୍ରତି ସରକାରଙ୍କ ବୈମାତୃକ ଭାବ ସମ୍ବିଧାନରେ ଥିବା ସମାନତାର ମୂଳ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ଆମେ ସମସ୍ତେ ସନାତନୀ ହିନ୍ଦୁ ଭାବରେ ଗର୍ବିତ ଅନୁଭବ କରୁଥିବା ବେଳେ ସରକାରଙ୍କ ନୀତି ନିୟମ ଆମକୁ ସମାଜରେ ଲଜ୍ଜିତ କରାଉଛି ବୋଲି ସେ କହିଥିଲେ । ସରକାର ଏହି ହିନ୍ଦୁ ବିଭାଜନକାରୀ ବିଲ୍ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସେ ଦାବି ରଖିଥିଲେ । ଏହି ଅବସରରେ ଅନୁସୂଚିତ ବର୍ଗର ପ୍ରତିନିଧି ଭାବରେ ଶ୍ରୀମତୀ ନମିତା ମାଧି ଯୋଗଦେଇ ସମାଜରେ ଏକତା ଓ ସମନ୍ୱୟର ବାତାବରଣ ସପକ୍ଷରେ ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, “ଆମେ ସମସ୍ତେ ଗୋଟିଏ ସଂସ୍କୃତିର ଅଂଶ, ତେଣୁ ଭେଦଭାବ ବଢ଼ାଇବା ପରିବର୍ତେ ସରକାର ସମାଧାନମୂଳକ ପଦକ୍ଷେପ ନେବା ଆବଶ୍ୟକ । ଗୋଟିଏ ଭାରତ ମାତାର କୋଟି କୋଟି ସନ୍ତାନ ଏ ବିଶାଳ ସନାତନ ହିନ୍ଦୁ ସଂସ୍କୃତିର ଉତରାଧିକାରୀ ଭାବରେ ଗର୍ବିତ ଅନୁଭବ କରୁଥିବା ବେଳେ ସରକାର ଆମ ଭିତରେ ଜାତିଆଣ ଭେଦଭାବ ତୀବ୍ର କଲାଭଳି ଆଇନ୍ ପ୍ରଣୟନ କରିବା ଦୁର୍ଭାଗ୍ୟଜନକ ।‘ ତୁରନ୍ତ ଏ ବିଭାଜନକାରୀ ଆଇନ୍ ପ୍ରତ୍ୟାହାର କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଥିଲେ । ବିକ୍ଷୋଭରେ ଯୋଗଦେଇଥିବା ସମସ୍ତେ ଏକ ସ୍ୱରରେ ସରକାରଙ୍କୁ ଦାବି ରଖିଛନ୍ତି ଯେ, ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତିକୋଟା ଓ ଟଏଉ ବିଲ୍ ଭଳି ବିଭାଜନକାରୀ ପଦକ୍ଷେପକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ଏବଂ ସମସ୍ତଙ୍କ ପାଇଁ ସମାନ ଅବସର ସୁନିଶ୍ଚିତ କରାଯାଉ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶିବାଶିଷ ମହାପାତ୍ର, ଲକ୍ଷ୍ମଣ ଚୌଧୁରୀ, ଗଜାନନ ତ୍ରିପାଠୀ, ସୌଦାମିନୀ ସାମନ୍ତରାୟ, ଅନୁପମ ନନ୍ଦ, ତରୁଣ କୁମାର ନନ୍ଦ, ଉଜ୍ଜଳ ପଣ୍ଡା, ପ୍ରସନ୍ନ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ‘ତାଲା’ ଝୁଲୁଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ: ରୋଗୀ ହନ୍ତସନ୍ତ



ଧାମନଗର,(ନି.ପ୍ର.) :ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ସରକାରଙ୍କ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ।ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଧାମନଗର ନିର୍ବାଚନ ମଣ୍ଡଳୀ ରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଅଧିକ ଡାକ୍ତର ମଧ ନିଯୁକ୍ତି କରିଚନ୍ତି ମାତ୍ର କିଛି ଡାକ୍ତରଙ୍କ ମନମୁଖୀ ରେ ଧାମନଗର ଅଂଚଳ ରେ ଚାଲିଚି ସ୍ୱାସ୍ଥ୍ୟ ସେବା ।ରବିବାର ଦିନ ବ୍ଲକର ଏକାଧିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡ଼ିବା କାରଣରୁ ରୋଗୀମାନେ ଚିକିତ୍ସା ନପାଇ ହନ୍ତସନ୍ତ ହୋଇ ଫେରିଛନ୍ତି । ସୋହଡ଼ା ପଂଚାୟତ ବାଲିପଡ଼ା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଜି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ମୁଖ୍ୟ ଫାଟକରେ ଚାବି ପଡ଼ିଥିବା ବେଳେ ରୋଗୀ ଆସି ଦୀର୍ଘ ସମୟ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଥିଲେ । ଏଠାରେ ଦାୟିତ୍ୱରେ ଥିବା ଏମବିବିଏସ ଡାକ୍ତର ଆସିନଥିବା ବେଳେ, ଅନ୍ୟ ଜଣେ ଆୟୁଷ ଡାକ୍ତର ମଧ ଅନୁପସ୍ଥିତ ଥିଲେ । ଦୁଇ ଡାକ୍ତର ନଥିବାରୁ ଫାର୍ମାସିଷ୍ଟ ବା ଷ୍ଟାଫ୍ ନର୍ସଙ୍କ ଭଳି ଅନ୍ୟ କୌଣସି କର୍ମଚାରୀ ମଧ ଡାକ୍ତରଖାନାକୁ ଆସିନଥିଲେ । ସେହିଭଳି ସମାନ ସ୍ଥିତି ଦେଖିବାକୁ ମିଳିଥିଲା ଦିହୁଡ଼ି ଆନନ୍ଦପୁର ପଂଚାୟତରେ । ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ବର୍ଷେ ହେବ କୌଣସି ସ୍ଥାୟୀ ଏମବିବିଏସ ଡାକ୍ତର ନାହାନ୍ତି । ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ କାମ ଚାଲିଛି । ରବିବାର ସେ ସାପ୍ତାହିକ ଛୁଟିରେ ଥିବାରୁ ସେଠାରେ ମଧ ମୁଖ୍ୟ ଫାଟକରେ ତାଲା ଝୁଲୁଥିଲା ।ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ମନ୍ମୟ ସାମନ୍ତସିଂହାରଙ୍କୁ ପଚାରିବାରୁ ସ ସେ କହିଛନ୍ତି ଯେ, ‘ବାଲିପଡ଼ା ପିଏଚସି ର ଡାକ୍ତର ଛୁଟିରେ ଅଛନ୍ତି ଏବଂ ଆୟୁଷ ଡାକ୍ତରଙ୍କର ରବିବାର ସାପ୍ତାହିକ ଛୁଟି । ଦୁଇ ଜଣ ଯାକ ଡାକ୍ତର ନଥିବାରୁ କାହା ଭରସାରେ ଡାକ୍ତରଖାନା ଖୋଲାଯିବ ? ଯଦି ଅନ୍ୟ କୌଣସି କର୍ମଚାରୀଙ୍କ ଦ୍ୱାରା ଭୁଲ୍ ଚିକିତ୍ସା ହୁଏ, ତେବେ ପରିସ୍ଥିତି ଆହୁରି ଭୟଙ୍କର ହେବ ।‘ ଆନନ୍ଦପୁର ପିଏଚସି ରେ ମଧ ଡାକ୍ତର ପଦବୀ ଖାଲି ଥିବା ଓ ଆୟୁଷ ଡାକ୍ତର ଛୁଟିରେ ଥିବାରୁ ସେଠି ମଧ ବନ୍ଦ ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।ସରକାରୀ ନିୟମାବଳୀ କିଛି ଅଲଗା କଥା କହୁଛି । ଭାରତ ସରକାରଙ୍କ ଇଣ୍ଡିଆନ୍ ପବ୍ଲିକ୍ ହେଲଥ୍ ଷ୍ଟାଣ୍ଡାର୍ଡସ- ୨୦୨୨ ର ଗାଇଡ୍ ?ଲାଇନ୍ ଅନୁଯାୟୀ, ଯଦି କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସୂତି ଏବଂ ଜରୁରୀକାଳୀନ ସେବା ପାଇଁ ଉଦ୍ଦିଷ୍ଟ, ତେବେ ତାହା ସପ୍ତାହର ୭ ଦିନ ଯାକ ୨୪ ଘଂଟା ଖୋଲା ରହିବା ବାଧ୍ୟତାମୂଳକ । ସାଧାରଣ ପିଏଚସି କ୍ଷେତ୍ରରେ ମଧ ସପ୍ତାହକୁ ୬ ଦିନ ଓପିଡି ସେବା ଯୋଗାଇ ଦିଆଯିବା ଉଚିତ । ଯଦି ମୁଖ୍ୟ ଡାକ୍ତର ଅନୁପସ୍ଥିତ ଥାଆନ୍ତି, ତେବେ ରୋଟେସନ ବ୍ୟବସ୍ଥା ବା ବିକଳ୍ପ ଡାକ୍ତରଙ୍କ ଜରିଆରେ କେନ୍ଦ୍ର ଖୋଲା ରଖିବା କଥା । ସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରିକ ପରିଚାଳନା ପାଇଁ ଗଠିତ ଜନ ଆରୋଗ୍ୟ ସମିତିର ଏହା ମୁଖ୍ୟ ଦାୟିତ୍ୱ । ଡାକ୍ତର ନଥିଲେ ମଧ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ ଓ ଅନ୍ୟ ସହାୟକ କର୍ମଚାରୀ ରହି ରୋଗୀଙ୍କୁ ପ୍ରାଥମିକ ସହାୟତା ଓ ସ୍ଥିରତା ପ୍ରଦାନ କରିବା ନିୟମ ରହିଛି ।ଗ୍ରାମାଂଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଗରିବ ଓ ମଧ୍ୟବିତ ଲୋକଙ୍କ ପାଇଁ ପ୍ରାଥମିକ ଚିକିତ୍ସାର ଏକମାତ୍ର ମାଧ୍ୟମ । ଆୟୁଷ୍ମାନ ଭାରତ-ହେଲଥ୍ ଆଣ୍ଡ ୱେଲନେସ୍ ସେଂଟର ଗାଇଡ୍ ?ଲାଇନ୍ ଅନୁଯାୟୀ, ଏଠାରେ ସାଧାରଣ ରୋଗର ଉପଚାର ସହ ମାତୃ ଓ ଶିଶୁ ମଙ୍ଗଳ, ଗର୍ଭବତୀ ମହିଳାଙ୍କ ଯାଂଚ, ସଂକ୍ରାମକ ଏବଂ ଅଣ-ସଂକ୍ରାମକ ରୋଗର ପ୍ରାରମ୍ଭିକ ସ୍କ୍ରିନିଂ ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ହେବା କଥା । ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀଙ୍କ ସହ ସମନ୍ୱୟ ରକ୍ଷା କରି ଏହା ସ୍ଥାନୀୟ ଅଂଚଳରେ ରୋଗ ନିୟନ୍ତ୍ରଣ କରିବା ଉଚିତ । ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ଯୋଗୁଁ ସାଧାରଣ ଜନତା ସେବା ପାଇବାରୁ ବଂଚିତ ହେଉଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଅନ୍ତର୍ଜାତୀୟ ପରିବାର ଦିବସ ପାଳିତ



ଝାରସୁଗୁଡ଼ା(ନି.ପ୍ର.)ଅନ୍ତର୍ଜାତୀୟ ପରିବାର ଦିବସ ୨୦୨୬ ପାଇଁ ମିଳିତ ଜାତିସଂଘର ବିଷୟବସ୍ତୁ ହେଉଛି ’ପରିବାର, ଅସମାନତା ଏବଂ ଶିଶୁ କଲ୍ୟାଣ’, ଏକ ବାର୍ତା ଯାହା ପରିବାରଗୁଡିକର କଲ୍ୟାଣକୁ ସମର୍ଥନ ଏବଂ ପୋଷଣ କରୁଥିବା ଅଧିକ ଅନ୍ତର୍ଭୁକ୍ତି ବ୍ୟବସ୍ଥା ନିର୍ମାଣ କରିବାର ଆବଶ୍ୟକତାକୁ ଦୃଢ଼ କରେ । କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳଙ୍କ ପାଇଁ କମ୍ପାନୀର ମାଗଣା ସ୍ୱାସ୍ଥ୍ୟସେବା ନୀତି ଏବଂ ଜୀବନସାଥୀଙ୍କ ସୁସ୍ଥତା ନୀତି ଭଳି ପଦକ୍ଷେପ ଦ୍ୱାରା ସ୍ୱାସ୍ଥ୍ୟସେବା ଏବଂ ସୁସ୍ଥତା ଏହି ଆଭିମୁଖ୍ୟର ମୂଳରେ ରହିଛି । ପୁଷ୍ଟିସାଧନ, ମାନସିକ ସୁସ୍ଥତା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟର ନିୟମିତ ଯାଂଚ ଏବଂ ସଚେତନତା ଅଧିବେଶନ ସହିତ ଉଭୟ ବ୍ୟକ୍ତିଗତ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଠାରୁ ଗୁଣାତ୍ମକ ଚିକିତ୍ସା ସେବା ପାଇବା ଦ୍ୱାରା ପରିବାରଗୁଡ଼ିକ ଉପକୃତ ହୁଅନ୍ତି । ଅନଲାଇନ ଚିକିତ୍ସା ପରାମର୍ଶ, ମାନସିକ ସ୍ୱାସ୍ଥ୍ୟ ସହାୟତା, ଫିଜିଓଥେରାପି, ଯୋଗ ଏବଂ ଜୀବନଶୈଳୀ ପରିଚାଳନା, କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ସାମଗ୍ରିକ ଯତ୍ନ ସୁନିଶ୍ଚିତ କରିବା ଭଳି ସେବା ପ୍ରଦାନ କରୁଥିବା ଏକ ବ୍ୟାପକ ସୁସ୍ଥତା ମଂଚ, ମନ୍ତ୍ରକେୟାର ସହିତ ବେଦାନ୍ତର ସହଭାଗୀତା ମାଧ୍ୟମରେ ଏହା ଆହୁରି ସୁଦୃଢ଼ ହୋଇଛି । ଝାରସୁଗୁଡା ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ ସି. ଚନ୍ଦ୍ରୁ ଏହି ଦର୍ଶନ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ‘ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଶକ୍ତିଶାଳୀ ସଂଗଠନଗୁଡିକ ଶକ୍ତିଶାଳୀ ପରିବାର ଏବଂ ଗୋଷ୍ଠୀଗତ ଭାବନା ଉପରେ ନିର୍ମିତ । ଆହୁରି ମଧ କମ୍ପାନୀ ଝାରସୁଗୁଡ଼ାର ୨୮ଟି ଗ୍ରାମରେ ଚାଲୁଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ଶେଷ-ମାଇଲ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ କରୁଛି, ଯାହା ଲୋକଙ୍କ ଘର ଦୁଆର ମୁହଁରେ ସ୍ୱାସ୍ଥ୍ୟସେବା ସହିତ ୧୮,୦୦୦ ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଂଚୁଛି, ଯେତେବେଳେ ବ୍ୟାପକ ସଚେତନତା ଅଭିଯାନ ୨.୮ ଲକ୍ଷରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି । ଶିଶୁ ପୋଷଣ, ମାତୃ ସ୍ୱାସ୍ଥ୍ୟ ଏବଂ ମାସିକ ସ୍ୱଚ୍ଛତା ଉପରେ ନିରନ୍ତର ଅଭିଯାନ ସହିତ ପଲ୍ସ ପୋଲିଓ ଅଭିଯାନ ଭଳି ପଦକ୍ଷେପ ଦ୍ୱାରା ଏହି ପ୍ରୟାସକୁ ସମର୍ଥନ ମିଳିଛି, ଯାହା ଝାରସୁଗୁଡ଼ାରେ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ୧୪୮୬ ଜଣ ଶିଶୁଙ୍କୁ ଟୀକାକରଣ କରିବାରେ ସାହାଯ୍ୟ କରିଛି, ଯାହା ସାମୂହିକ ଭାବରେ ସୁସ୍ଥ ଫଳାଫଳ ସହିତ ପରିବାରକୁ ସଶକ୍ତ କରିଛି । ସହଭାଗୀ ଅଭିବୃଦ୍ଧି ପାଇଁ ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କର୍ମଚାରୀ, ପରିବାର ଏବଂ ସମ୍ପ୍ରଦାୟ ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟ ସହିତ ଏକାଠି ବୃଦ୍ଧି ପାଉଥିବା ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀକୁ ’ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ’ ସାର୍ଟିଫିକେଟ୍ ଏବଂ ’ପିପୁଲଫାଷ୍ଟ ଏଚଆର ଏକ୍ସଲେନ୍ସ ଆୱାର୍ଡ’ ଭଳି ପ୍ରମୁଖ ସ୍ୱୀକୃତି ମିଳିବା ଏହା ପ୍ରତିଫଳିତ କରୁଛି ।

# ଜାତୀୟ ଆୟ ଭିତିକ ମେଧାବୃତି ପରୀକ୍ଷା ଫଳ ପ୍ରକାଶିତ ସୌମ୍ୟରଞ୍ଜନ ବୋରିଗୁମ୍ମା ବ୍ଲକ ଟପ୍ପର, ଜିଲ୍ଲାରେ ତୃତୀୟ

ଜୟପୁର,(ହି.ସ.) – ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ(ଏନ୍ଏମ୍ଏମ୍ଏସ୍)ଜାତୀୟ ଆୟ ଭିତିକ ମେଧାବୃତି ପରୀକ୍ଷା ଫଳ ଆଜି ସଂଧ୍ୟାରେ ପ୍ରକାଶ ପାଇଛି । ଏଥିରେ କୋରାପୁଟ ଜିଲ୍ଲାରେ ବୋରିଗୁମ୍ମା ସଦର ଦାସିରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ପ୍ରଧାନ ବୋରିଗୁମ୍ମା ବ୍ଲକରେ ଟପ୍ପର ହୋଇଥିବାବେଳେ ଜିଲ୍ଲାର ତୃତୀୟ ଟପ୍ପର ଭାବେ ରହିଛନ୍ତି । ସେ ବୋରିଗୁମ୍ମା ବାସିନ୍ଦା ହୋଇଥିବାବେଳେ ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ବ୍ଲକ ଟପ୍ପର ଛାତ୍ର ସୌମ୍ୟ ରଞ୍ଜନଙ୍କ ପିତା ସନ୍ତୋଷ କୁମାର ପ୍ରଧାନ ବୋରିଗୁମ୍ମା ବ୍ଲକ ଟିପିଏସ୍ଓଡିଏଲ୍ର ଲାଇନ୍ମ୍ୟାନ ଏବଂ ମାତା ସିଲି ପ୍ରଧାନ ଗୃହଣୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ଦୈନିକ ୫ରୁ ୬ ଘଂଟା ପାଠ ପଢ଼ିବା ସହିତ ବିଦ୍ୟାଳୟରେ ପାଠପଢ଼ା ସହିତ ଟ୍ୟୁସନ ମଧ କରୁଥିଲେ । ସେହିପରି ପିତା ଓ ମାତାଙ୍କ ଆଶୀର୍ବାଦ ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ମହାପାତ୍ର ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଆଜି ଏହି ସଫଳତା ପାଇଥିବା ନେଇ ସୌମ୍ୟ ପ୍ରକାଶ କରିଥିଲେ । ଏହିପରି ସଫଳତା ନେଇ ସେ ଖୁସିରେ ରହିଥିବା ବେଳେ ଆଗାମୀ ଦିନରେ ମେଟ୍ରିକ ଏବଂ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ କିଭଳି ସଫଳତା ପାଇବେ ତାଙ୍କ ଲକ୍ଷ୍ୟ ରହିବ ବୋଲି କହିଛନ୍ତି । ଭଲ ନମ୍ବର ପାଇବା ନେଇ ଆଶା ରଖୁଥିଲେ, କିନ୍ତୁ କୋରାପୁଟ ଜିଲ୍ଲାର ତୃତୀୟ ଟପ୍ପର ଓ ବ୍ଲକ ତାଲିକାରେ ପ୍ରଥମ ରହିଥିବା ଯୋଗୁଁ ବହୁ ଖୁସି ରହିଥିବା ନେଇ ପ୍ରକାଶ କରିଛନ୍ତି । ବୋରିଗୁମ୍ମା ବ୍ଲକରେ ସମୁଦାୟ ୧୦ ଜଣ ଛାତ୍ରଛାତ୍ରୀ ପାସ୍ କରିଥିବାବେଳେ ତନ୍ମଧ୍ୟରୁ ବୋରିଗୁମ୍ମା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪. କୁମୁଲି ସରକାରୀ ହାଇସ୍କୁଲର ୨. ସରକାରୀ ୟୁ ଜି ହାଇସ୍କୁଲ କାଠରଗଡ଼ା, ଶଶାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସରକାରୀ ୟୁଜି ହାଇସ୍କୁଲ ପଣ୍ଡସଗୁଡ଼ାରୁ ଜଣେ ଲେଖାଏଁ ପାସ୍ କରିଥିବା ଜଣାପଡ଼ିଛି । ଏହି ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ସ୍କୋଲାରସିପ୍ ବାବଦରେ ବାର୍ଷିକ ୧୨୦୦ ହଜାର ଟଙ୍କା ଏବଂ ଚାରିବର୍ଷ ପାଇଁ ସମୁଦାୟ ୪୮୦୦୦/-ଟଙ୍କା ମିଳିବ ବୋଲି ସରକାରଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

# ଗ୍ରୀଷ୍ମ କାଳୀନ ବ୍ୟାଡ଼ମଂଟନ ତାଲିମ ଶିବିର ଅନୁଷ୍ଠିତ

ଝାରସୁଗୁଡା(ନି.ପ୍ର.)-ଝାରସୁଗୁଡ଼ା ଜିଲ୍ଲା ବ୍ୟାଡ଼ମିଂଟନ ଆସୋସିଏସନ ତରଫରୁ ସ୍ଥାନୀୟ ପୌର ପରିଷଦ ପ୍ରେକ୍ଷାଳୟ ରେ ୧ ମାସ ବ୍ୟାଡ଼ମିଂଟନ ତାଲିମ ଶିବିର ଆରମ୍ଭ ହୋଇଛି । ସ୍ଥାନିୟ ୬ ବର୍ଷରୁ ଉର୍ଦ୍ଧ ୩୦ ଜଣ ବାଳକ, ବାଳିକା ତାଲିମ ଶିବିର ରେ ଯୋଗ ଦେଇଛନ୍ତି । ବ୍ୟାଡ଼ମିଂଟନ ଜାତୀୟ ଖେଳାଡ଼ି ରାଜୁ ପ୍ରସାଦ ଏନ.ଆଇ.ଏସ୍ ମୁଖ୍ୟ ପ୍ରଶିକ୍ଷକ ଭାବେ ରହିଛନ୍ତି । ଏହି ତାଲିମ ଶିବିରକୁ ବ୍ୟାଡ଼ମିଂଟନ ଆସୋସିଏସନର ସଭାପତି ପ୍ରତାପ କୁମାର ବେହେରା,ଉପଦେଷ୍ଟା ଜୀବନ ମହାନ୍ତି, ଉଦ୍ ?ଘାଟନ କରିଥିଲେ । ଆସୋସିଏସନ ର ସମ୍ପାଦକ ଶୁଭମ ଶର୍ମା ,କୋଷାଦକ୍ଷ ନୃପ ଭୋଇ,ଅରୁଣ ମୁଦ୍ରା, ଦିପକ ଶର୍ମା ଓ ବିଜୟ ମୁଦ୍ରା ପ୍ରଭୃତି ଉପସ୍ଥିତ ଥିଲେ ।

# ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ବଳଦ ମୃତ

ନୂଆପଡ଼ା,(ନି.ପ୍ର)ନୂଆପଡା ଜ଼ିଲ୍ଲା ଖଡ଼ିଆଳ ବିଦ୍ୟୁତ ବିଭାଗ ର ଚରମ ଅବହେଳା ଯୋଗୁଁ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ବଳଦ ର ଶୋଚନୀୟ ମୃତ୍ୟୁ ଘଟିଛି । ଖଡ଼ିଆଳ ବ୍ଲକ ଚ଼ିଚେର ଗାଁର ନାମମାତ୍ର କ୍ଷୁଦ୍ର ଚାଷୀ ପର୍ଶୁରାମ ବାଗ ନେହେନା ଗ୍ରାମ ମିଲପଡା ପଡିଆ ଜମିରେ ଗାଇ ବଳଦ ଚରାଉଥିଲେ । ଗାଈ ଗୋଠ ରୁ ଗୋଟିଏ ବଳଦ ନିକଟସ୍ଥ ଧାନ ଚାଷ ଜମି କୁ ପାଣି ଅନ୍ୱେଷଣ ରେ ଚାଲି ଯାଇଥିଲା । ସେଠାରୁ ଦୀର୍ଘ ସମୟ ଧରି ଗାଈ ଗୋଠ କୁ ଫେରି ନଥିଲା । ବଳଦ ନ ଫେରିବା ରୁ ଚାଷୀ ଜଣକ ଖୋଜିବା ବେଳକୁ ୧୧ କେଭି ତାର ରେ ଛନ୍ଦି ହୋଇ ମୃତ୍ୟୁ ବରଣ କରିଛି । ୧୧ କେଭି ତାର ଇଲେକ୍ଟ୍ରି ପୋଲ ଉପରେ ଟାଙ୍ଗି ହୋଇ ରହିବା ବଦଳରେ ଚାଷ ଜମି ହୁଡା ରେ ଲଇଁ ପଡିଥିଲା ଫଳରେ ବଳଦ ର ମୃତ୍ୟୁ ଘଟିଥିବା ବେଳେ, ଚାଷୀ ଜଣକ ଅଳ୍ପକେ ବର୍ତୀ ଯାଇଛନ୍ତି । ବିଦ୍ୟୁତ ବିଭାଗର ଖାମଖିଆଲି କାମ ଯୋଗୁଁ ଆଜି ବଳଦ ର ଜୀବନ ଗଲା । ବଳଦ ସାହାଯ୍ୟରେ ବିଚରା ଚାଷୀ ହଳ ନଙ୍ଗଳ କରି ସ୍ୱଳ୍ପ ରୋଜଗାର କରି ପରିବାର ପ୍ରତିପୋଷଣ କରୁଥିଲା । ବଳଦ ମୃତ୍ୟୁ ମୁଖରେ ପଡିବାରୁ କ୍ଷତିଗ୍ରସ୍ତ ଚାଷୀ ଭାରସାମ୍ୟ ହରାଇ କାନ୍ଦୁ ଛନ୍ତି । ବିଭାଗ ତୁରନ୍ତ କ୍ଷତି ପୂରଣ ଯୋଗାଇ ଦେବା କୁ ଚାଷୀ ନେହୁରା ହୋଇଛନ୍ତି ।

# ଆର୍ଟ ଅଫ ଗିଭିଂ ଜଳେଶ୍ୱର ଶାଖା ପକ୍ଷରୁ ସେୟାରଟୁ ସାଇନ ପାଳନ

ଜଳେଶ୍ୱର (ନି.ପ୍ର) ରବିବାର ପୂର୍ବାହ୍ନ ୭.୩୦ ମିନିଟ ସମୟରେ କିଟ୍,କିସ୍ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ଙ୍କ ଆଟ ଅଫ ଗିଭିଙ୍ଗ ର ଜଳେଶ୍ୱର ଶାଖା ୧୩ ତମ ପ୍ରତିଷ୍ଠା ଦିବସ ରେ ଚଳିତ ବର୍ଷ ଥିମ୍ ’ସେୟାର ଟୁ ସାଇନ’ ଅବସରଭେ ଜଳେଶ୍ୱର ଷ୍ଟେସନ ବଜାର କାଳି ମନ୍ଦିର ଠାରୁ ପୁରୁଣା କୋର୍ଟ ଜଳେଶ୍ୱର ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନେ ଗଣଦୈ ।ଡ, ରେ ଆସି ପୁରୁଣା କୋର୍ଟ ସାମ୍ନାରେ ଉତ୍କଳ ଗୌରବ ମଧୁସୂଦନ ଦାସ ପ୍ରତିମୂର୍ତି ସମ୍ମୁଖରେ ଏକ ଆଲୋଚନା ଚକ୍ର ତଥା ସମ୍ବର୍ଦ୍ଧନା ସଭାରେ ସିଦ୍ଧାର୍ଥ ଶଙ୍କର ପାଳ ସଭାପତିତ୍ୱ କରିଥିଲେ । ବାଲେଶ୍ୱର ଜିଲ୍ଲା ସଂଯୋଜକ ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡା ’ସେୟାର ଟୁ ସାଇନ୍’ ଏବଂ ଡଃ ଅଚ୍ୟୁତ ସାମନ୍ତ ଙ୍କ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ର ଉପାଧ୍ୟକ୍ଷା ଶ୍ରୀମତୀ ଅନୁସୟା ପ୍ରଧାନ,ପ୍ମୁଖ୍ୟ ବକ୍ତା ଭାବରେ ସମାଜ ସେବୀ ବ୍ରଜମୋହନ ପ୍ରଧାନ, ବରେଣ୍ୟ ଅତିଥି ଭାବରେ ପ୍ରାକ୍ତନ ସଭାପତି,ବାର ଏସୋସିଏସନ, ଜଳେଶ୍ୱର ର ବରିଷ୍ଠ ଆଇନଜୀବୀ ଚିନ୍ମୟ ଦାସ,ପ୍ରାକ୍ତନ ସମ୍ପାଦକ ବାର ଆସୋସିଏସନ ଜିତାଶୁ ଶେଖର ନନ୍ଦୀ , ସମ୍ମାନିତ ଅତିଥି ବାର ଆସୋସିଏସନର ସଭାପତି କୁଞ୍ଜବିହାରୀ ଦାସ, ଅନ୍ୟତମ ବରେଣ୍ୟ ଅତିଥି ଭାବରେ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ବକ୍ତବ୍ୟରେ କହିଥିଲେ ଡଃ ଅଚ୍ୟୁତ ସାମନ୍ତ ଙ୍କୁ ନୋବେଲ ପୁରସ୍କାର ମିଳୁ ବୋଲି କହିଥିଲେ ।, ଅନ୍ୟତମ ବରେଣ୍ୟ ଅତିଥି ଅଧ୍ୟକ୍ଷ ଜଳେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ସଂଗ୍ରାମ ପଟ୍ଟନାୟକଙ୍କ, ଅନ୍ୟତମ ସମ୍ମାନୀତ ଅତିଥି ଭାବରେ କମର୍ଦା ମହାବିଦ୍ୟାଳୟ ର ଅଧ୍ୟକ୍ଷ ସରୋଜ କୁମାର ସେନାପତି,, ସମ୍ମାନୀତ ଅତିଥି ଭାବେ ୱାଡ କାଉନସିଲର ସୂରଜ ଚୈ ।ଦାସିଆ ପ୍ରଭୃତି୍ ବକ୍ତବ୍ୟ ପ୍ରଦାନ କରିଥିଲେ ।ସହ ସମ୍ପାଦକ ସୁଶାନ୍ତ କୁମାର ଦାସ ଉପସ୍ଥିତ ଥିଲେ । ଏହି ଅବସରରେ ଉପାଧ୍ୟକ୍ଷ ଅନୁସୂୟା ପ୍ରଧାନ, ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ର ଚେୟାରମେନ ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, ଅଧ୍ୟକ୍ଷ ସରୋଜ କୁମାର ସେନାପତି, ସମାଜ ସେବୀ ବ୍ରଜମୋହନ ପ୍ରଧାନ ଙ୍କୁ ଆର୍ଟ ଅଫ ଗିଭିଙ୍ଗ ର ମୋମେଂଟୋ, ଉପାୟନ,ଡ଼ାଇରୀ ଫୁଲ ତୋଡା ସହିତ ସମ୍ବର୍ଦ୍ଧନା କରାଯାଇଥିଲା ।ମଂଚ ଆମନ୍ତ୍ରଣ ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ସଭାପତି ସିଦ୍ଧାର୍ଥ ଶଙ୍କର ପାଳ, ବିଭିନ୍ନ ମହାବିଦ୍ୟାଳୟ ଯଥା, ଶ୍ରୀ ଜଗନ୍ନାଥ ମହିଳା ମହବିଦ୍ୟାଳୟ,ପ୍ରଥମ ଥର କରି ଭାଗ ନେଇଥିଲେ ନର୍ଥ ଓଡ଼ିଶା ସ୍କେଟିଙ୍ଗ ଏକାଡେମୀ ର ଛାତ୍ର ଛାତ୍ରୀ, ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ର +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଏବଂ ବିଭିନ୍ନ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଷ୍ଟେସନ ବଜାର ସ୍ଥିତ କାଳୀ ମନ୍ଦିର ଠାରୁ ଗଣଦୈ ।ଡ କାର୍ଯ୍ୟକ୍ରମ ଅନୁଯାୟୀ ଅନୁସୂୟା ପ୍ରଧାନ ପତାକା ଦେଖାଇ କାର୍ଯ୍ୟ କ୍ରମ କୁ ଉଦଘାଟନ କରିଥିଲେ ।ଛାତ୍ର ଛାତ୍ରୀ ମାନଙ୍କୁ ଆର୍ଟ ଅଫ ଗିଭିଙ୍ଗ ର ବେନିୟନ ଦିଆଯାଇଥିଲା ।କାଶିଡିହା ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ, ସମ୍ବାଦ ର ସତ୍ୟ ବ୍ରତ ପ୍ରଧାନ, ସୁକୁମାର ରଣା, ଜ୍ଞାନ ବିକାଶର ପ୍ରତିଷ୍ଠାତା ଲେଲିନ ପ୍ରଧାନ, ରବିନ୍ଦ୍ରନାଥ ସେନାପତି, ଅଶୋକ କୁମାର ଦାସ, ପ୍ରଭୃତି୍ ବକ୍ତବ୍ୟ ପ୍ରଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଗିରିଜା ଶଙ୍କର ଦାସ ।



ନେଦରଲ୍ୟାଣ୍ଡର ଐତିହାସିକ ଡ୍ୟାମ୍ ପରିଦର୍ଶନ କରୁଛନ୍ତି ପ୍ରଧାନମନ୍ତ୍ରୀ ।

# ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଅବସରରେ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକମାନଙ୍କୁ ହାର୍ଟ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଆହ୍ୱାନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସନ୍ତୁଳିତ ଖାଦ୍ୟାହାର, ଶାରୀରିକ କ୍ରିୟାକଳାପ ଏବଂ ମାନସିକ ଚାପ ନିୟନ୍ତ୍ରଣ ଭଳି ପଦକ୍ଷେପ ଉଚ୍ଚ ରକ୍ତଚାପ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ । ସେ କହିଛନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଚେତନତା ଏବଂ ସମୟୋପଯୋଗୀ ସାବଧାନତା ଅତ୍ୟନ୍ତ ଆବଶ୍ୟକ । ସେ ସମସ୍ତ ନାଗରିକଙ୍କୁ ସୁସ୍ଥ, ସଚେତନ ଏବଂ ସଶକ୍ତ ସମାଜ ଗଠନରେ ମିଳିତ ଭାବେ ଅବଦାନ ରଖିବାକୁ ଆହ୍ୱାନ କରିଛନ୍ତି ।

# ରାଜ୍ୟରେ ୪୧ଡିଗ୍ରୀ ଛୁଇଁଲା ତାପମାତ୍ରା



ଭୁବନେଶ୍ୱର: ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ରବିବାର ଅପରାହ୍ନ ୨.୩୦ ସୁଦ୍ଧା ଓଡ଼ିଶାର ଦୁଇଟି ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସରୁ ଅଧିକ ବୃଦ୍ଧି ପାଇଛି । ଝାରସୁଗୁଡ଼ା ୪୧ ଡିଗ୍ରୀ ସେଲସିୟସ୍ ସହିତ ସବୁଠାରୁ ଉତପ୍ତ ସହର ପାଲଟିଥିଲା । ତା'ପରେ ସମ୍ବଲପୁର ୪୦ ଡିଗ୍ରୀ ସେଲସିୟସ୍ ସହିତ ଦ୍ୱିତୀୟ ସ୍ଥାନରେ ଥିଲା । ହୀରାକୁଦ ମଧ୍ୟ ୩୯.୬ ଡିଗ୍ରୀ ସେଲସିୟସ୍ ସହିତ ତୃତୀୟ ସ୍ଥାନରେ ଥିଲା । ବାଲେଶ୍ୱରରେ ୩୭.୨ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲି ଏବଂ ଭୁବନେଶ୍ୱରରେ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା । IMDର ମଧ୍ୟାହ୍ନ ବୁଲେଟିନ୍ ଅନୁଯାୟୀ, ଆଗାମୀ ୩-୪ ଦିନ ମଧ୍ୟରେ ସାରା ରାଜ୍ୟରେ ଦିନର ତାପମାତ୍ରା ଧୀରେ ଧୀରେ ୨-୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ସେହିପରି ୨୩ ମେ ପର୍ଯ୍ୟନ୍ତ ଓଡ଼ିଶାରେ ଝଡ଼ବର୍ଷା ସହିତ ପବନ ହେବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ବିଭିନ୍ନ ରାଜ୍ୟ ପାଇଁ ଅରେଞ୍ଜ ଏବଂ ହଳଦିଆ ସତର୍କତା ଜାରି କରାଯାଇଛି ।



# ଡଚ୍ ସିଇଓମାନଙ୍କ ସହ ସାକ୍ଷାତ ଆଲୋଚନା କଲେ ପ୍ରଧାନମନ୍ତ୍ରୀ




ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ମହାମହିମ ଶ୍ରୀ ରବ ଜେଟେନ ଆଜି ଶକ୍ତି, ବନ୍ଦର, ସ୍ୱାସ୍ଥ୍ୟ, କୃଷି ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ କ୍ଷେତ୍ରର ପ୍ରମୁଖ ଡଚ୍ କମ୍ପାନୀଗୁଡ଼ିକର କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମାନଙ୍କ ସହିତ ଆଲୋଚନା କରିଛନ୍ତି । ଏହି ଉଦ୍ୟୋଗ ଜଗତର ନେତୃତ୍ୱମାନେ ତିନୋଟି କ୍ଲଷ୍ଟର, ଯଥା : ସେମିକଣ୍ଡକ୍ଟର, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ; ଭିତିଭୂମି, ଲଜିଷ୍ଟିକ୍ସ ଏବଂ ସାମୁଦ୍ରିକ; ଏବଂ ସ୍ଥିରତା, ଶକ୍ତି ଏବଂ କୃଷି; ଉପରେ ତାଙ୍କର ବିଚାରଧାରାକୁ ଉପସ୍ଥାପନା କରିଥିଲେ । ଏହା ସହିତ ଭାରତ ପାଇଁ ସେମାନଙ୍କର ରଣନୀତି ସମ୍ପର୍କରେ ଉଲ୍ଲେଖ କରିଥିଲେ । ବୈଠକ ପୂର୍ବରୁ, ଦୁଇ ନେତାଙ୍କ ଉପସ୍ଥିତିରେ ଏଏସଏମଏଲ୍ ଏବଂ ଟାଟା ଇଲେକ୍ଟ୍ରୋନିକ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେମାନେ ଗୁଜରାଟର ଧୋଲେରାରେ ଭାରତର ପ୍ରଥମ ଫ୍ରଂଟ-ଏଣ୍ଡ ସେମିକଣ୍ଡକ୍ଟର ଏଫଏବି ପାଇଁ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଏଏସଏମଏଲ୍ ର ମିଳିତ ସହଭାଗୀତା ନିଷ୍ପତିକୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଭାରତ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ବ୍ୟବସାୟିକ ସମ୍ପର୍କର ଗଭୀରତାକୁ ସ୍ୱାଗତ କରିଥିଲେ ଏବଂ ଭାରତର ଅର୍ଥନୈତିକ ସ୍ଫୁର୍ତିଶୀଳତା ପ୍ରତି ଡଚ୍ କମ୍ପାନୀଗୁଡ଼ିକର ବୃଦ୍ଧି ପାଉଥିବା ଆଗ୍ରହକୁ ପ୍ରଶଂସା କରିଥିଲେ । ସାମ୍ପ୍ରତିକ ସଂସ୍କାର ଏବଂ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି, ସେ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ଏବଂ ଏକ ସ୍ଥିର, ଦକ୍ଷ ଏବଂ ପୂର୍ବାନୁମାନଯୋଗ୍ୟ ନୀତି ପରିବେଶ ପ୍ରତିଷ୍ଠା କରିବା ପାଇଁ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ମୋଦୀ ଡଚ୍ କମ୍ପାନୀଗୁଡ଼ିକୁ ଭାରତରେ ସାମୁଦ୍ରିକ, ନବୀକରଣୀୟ ଶକ୍ତି, ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଯୋଗ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିଥିଲେ ।ଦୁଇ ପ୍ରଧାନମନ୍ତ୍ରୀ ଭାରତ – ୟୁରୋପୀୟ ସଂଘ ଏଫଟିଏର ଶୀଘ୍ର କାର୍ଯ୍ୟକାରୀତା ପାଇଁ ଆହ୍ୱାନ କରିଥିଲେ । ଏଫଟିଏ ଭାରତ ଏବଂ ୟୁରୋପୀୟ ସଂଘକୁ ଖୋଲା ବଜାର, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଏବଂ ନମନୀୟ ଯୋଗାଣ ଶୃଙ୍ଖଳ ଦିଗରେ ପ୍ରତିବଦ୍ଧତା କ୍ଷେତ୍ରରେ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ସୁଦୃଢ଼ କରିଥାଏ । ଶିଳ୍ପ ନେତୃତ୍ୱମାନେ ଭାରତ ସରକାରଙ୍କ ସଂସ୍କାର ଏଜେଣ୍ଡାକୁ ପ୍ରଶଂସା କରିଥିଲେ ଏବଂ ଭାରତ ପାଇଁ ସେମାନଙ୍କର ଭବିଷ୍ୟତ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଥିଲେ । ସେମାନେ ଭାରତରେ ସେମାନଙ୍କର ଉପସ୍ଥିତି ବୃଦ୍ଧି କରିବା ପାଇଁ ସୁଯୋଗ ଅନୁସନ୍ଧାନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ନିମ୍ନଲିଖିତ ସିଇଓମାନେ ବୈଠକରେ ଯୋଗ ଦେଇଥିଲେ ।

# ପାଂଚଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଗୃହ ତାଲିକାକରଣ କ୍ଷେତ୍ର କାର୍ଯ୍ୟ ଆରମ୍ଭ

ନୂଆଦିଲ୍ଲୀ : ଜନଗଣନା ୨୦୨୭ର ପର୍ଯ୍ୟାୟ-୧ ଅନ୍ତର୍ଗତ ପାଂଚଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ - ରାଜସ୍ଥାନ, ମେଘାଳୟ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଦିଲ୍ଲୀର ଜାତୀୟ ରାଜଧାନୀ କ୍ଷେତ୍ର ମଧ୍ୟରେ ଦିଲ୍ଲୀ ନଗର ନିଗମ (ଏମସିଡି) ଅଂଚଳରେ ଘର ତାଲିକାକରଣ ଏବଂ ଘର ଗଣନା (ଏଚଏଲଓ) ପାଇଁ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହୋଇଛି । ସେହିପରି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ବିହାର, ଚଣ୍ଡିଗଡ଼, ଛତିଶଗଡ଼, ଦାଦ୍ରା ଏବଂ ନଗର ହାବେଲୀ ଏବଂ ଦାମନ ଏବଂ ଦିଉ, ହରିୟାଣା, ମଧ୍ୟ ପ୍ରଦେଶ, ପଞ୍ଜାବ, ତେଲେଙ୍ଗାନା ଏବଂ ଉତରାଖଣ୍ଡରେ ଗଣନାକାରୀଙ୍କ ଦ୍ୱାରା ଘର ତାଲିକାକରଣ କାର୍ଯ୍ୟ ବର୍ତମାନ ଚାଲିଛି । ଆଜିଠାରୁ, ସ୍ୱୟଂ-ଗଣନା (ଏସଇ) ବ୍ୟବସ୍ଥା ଗୁଜରାଟ, ଜମ୍ମୁ ଏବଂ କାଶ୍ମୀର, ଲଦାଖ ଏବଂ ପୁଡୁଚେରୀରେ ଆରମ୍ଭ କରାଯାଇଛି ଏବଂ ଏହା ୩୧ ମଇ, ୨୦୨୬ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ, ଘର ତାଲିକାକରଣ ଏବଂ ଘର ଗଣନା ପାଇଁ କ୍ଷେତ୍ର କାର୍ଯ୍ୟ ୧ ଜୁନ୍ରୁ ୩୦ ଜୁନ୍, ୨୦୨୬ ପର୍ଯ୍ୟନ୍ତ କରାଯିବ । ବର୍ତମାନ ସ୍ୱୟଂ-ଗଣନା କାର୍ଯ୍ୟ ଉତର ପ୍ରଦେଶରେ ମଧ୍ୟ ଚାଲିଛି ଏବଂ ଏହା ୨୧ ମଇ, ୨୦୨୬ ପର୍ଯ୍ୟନ୍ତ ଜାରି ରହିବ । ଏହା ପରେ, ଘର ତାଲିକା ପାଇଁ କ୍ଷେତ୍ର କାର୍ଯ୍ୟ ୨୨ ମଇ ରୁ ୨୦ ଜୁନ୍, ୨୦୨୬ ପର୍ଯ୍ୟନ୍ତ କରାଯିବ ।ଏହା ପୂର୍ବରୁ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ମିଜୋରାମ, ଓଡ଼ିଶା ଏବଂ ସିକିମ୍ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଏବଂ ଜାତୀୟ ରାଜଧାନୀ ପ୍ରଦେଶ ଦିଲ୍ଲୀର ଏନଡିଏମସି ଏବଂ ଦିଲ୍ଲୀ କ୍ୟାଂଟନମେଂଟ ବୋର୍ଡ ଅଂଚଳରେ ୧୬ ଏପ୍ରିଲରୁ ୧୫ ମଇ, ୨୦୨୬ ମଧ୍ୟରେ ଗୃହ ତାଲିକାକରଣ ଓ ଗୃହ ଗଣନା କାର୍ଯ୍ୟ ସଫଳତାର ସହ ସମାପ୍ତ ହୋଇଥିଲା । ପ୍ରଥମ ଥର ପାଇଁ ଜନଗଣନାରେ ଆରମ୍ଭ ହୋଇଥିବା ସ୍ୱଗଣନା ବ୍ୟବସ୍ଥାକୁ ଲୋକମାନଙ୍କଠାରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି । ଏପର୍ଯ୍ୟନ୍ତ ୨୫ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ୧.୪୪ କୋଟିରୁ ଅଧିକ ଲୋକ ସରକାରୀ ପୋର୍ଟାଲ (se.census.gov.in) ମାଧ୍ୟମରେ ସ୍ୱଗଣନା ସଂପୂର୍ଣ୍ଣ କରିଛନ୍ତି । ଏହି ପଦକ୍ଷେପ ଜନଗଣନା କାର୍ଯ୍ୟର ଡିଜିଟାଇଜେସନ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଏହା ଲୋକମାନଙ୍କୁ ଏକ ସୁବିଧାଜନକ ଏବଂ ସୁରକ୍ଷିତ ଉପାୟରେ ଜନଗଣନା ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରେ । ଯେଉଁ ବାସିନ୍ଦାମାନେ ସ୍ୱ-ଗଣନା ପ୍ରକ୍ରିୟା ସମାପ୍ତ କରିଛନ୍ତି ସେମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ପାଇଥିବା ସ୍ୱ-ଗଣନା ପରିଚୟପତ୍ର କୁ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କ ଗୃହ ପରିଦର୍ଶନ ସମୟରେ ଏହାକୁ ଗଣନାକାରୀଙ୍କ ସହ ସେୟାର କରନ୍ତୁ, ଯାହା ଦ୍ୱାରା ଏଲଏଲଓ (ଗୃହ ତାଲିକାକରଣ ଓ ଗୃହ ଗଣନା କାର୍ଯ୍ୟ) ପ୍ରକ୍ରିୟା ସମାପ୍ତ ହୋଇପାରିବ । ଯେଉଁ ପରିବାରଗୁଡ଼ିକ ସ୍ୱ-ଗଣନା କରିନାହାଁନ୍ତି ସେମାନଙ୍କୁ ଗଣନାକାରୀଙ୍କ ଦ୍ୱାରା ଘର ଘର ପରିଦର୍ଶନ ମାଧ୍ୟମରେ ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବ । ଡିଜିଟାଲ ମାଧ୍ୟମ ବ୍ୟବହାର କରି ପ୍ରଥମ ଥର ପାଇଁ ଜନଗଣନା ୨୦୨୭ କରାଯାଉଛି; ତଥାପି, ବ୍ୟାପକ ଏବଂ ସଠିକ୍ କଭରେଜ୍ ସୁନିଶ୍ଚିତ କରିବା ପାଇଁ, ଘରକୁ ଘର ବୁଲି ଗଣନାର ପାରମ୍ପରିକ ପ୍ରକ୍ରିୟା ଚାଲୁ ରହିଛି । କ୍ଷେତ୍ର ପରିଦର୍ଶନ ସମୟରେ, ଗଣନାକାରୀମାନେ ଏକ ସ୍ୱତନ୍ତ୍ର ମୋବାଇଲ୍ ଆପ୍ଲିକେସନ୍ ବ୍ୟବହାର କରି ଡିଜିଟାଲ୍ ଭାବରେ ତଥ୍ୟ ସଂଗ୍ରହ କରୁଛନ୍ତି । ଏହି ପର୍ଯ୍ୟାୟରେ, ଆବାସିକ ସ୍ଥିତି, ପରିବାର ବିବରଣୀ, ଉପଲବ୍ଧ ସୁବିଧା ଏବଂ ପରିବାର ଦ୍ୱାରା ଥିବା ସମ୍ପତି ସମ୍ପର୍କରେ ସୂଚନା ୩୩ଟି ସୂଚୀତ ପ୍ରଶ୍ନାବଳୀ ମାଧ୍ୟମରେ ସଂଗ୍ରହ କରାଯାଉଛି । ଏହି ତଥ୍ୟ ପ୍ରମାଣ-ଭିତିକ ଯୋଜନା ପ୍ରସ୍ତୁତି ଏବଂ କଲ୍ୟାଣ ତଥା ବିକାଶ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରଦାନ କରିବ । ଜନଗଣନା ଆଇନ, ୧୯୪୮ ଅନୁଯାୟୀ ସଂଗୃହୀତ ସମସ୍ତ ସୂଚନାକୁ କଡ଼ାକଡ଼ିଭାବେ ଗୋପନୀୟ ରଖାଯାଏ ଏବଂ କେବଳ ପରିସଂଖ୍ୟାନମୂଳକ ଉଦ୍ଦେଶ୍ୟ ଏବଂ ବିକାଶ ଯୋଜନା ପ୍ରଣୟନ ପାଇଁ ବ୍ୟବହାର କରାଯାଏ । ଅଧିସୂଚିତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ବାସିନ୍ଦାମାନଙ୍କୁ ଘର ତାଲିକାଭୁକ୍ତ କାର୍ଯ୍ୟ ସମୟରେ ଗଣନାକାରୀଙ୍କୁ ସେମାନଙ୍କର ପୂର୍ଣ୍ଣ ସହଯୋଗ ପ୍ରଦାନ କରିବାକୁ ଏବଂ ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରୟାସରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି ।

# ଇବୋଲାକୁ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ସ୍ଥିତି ଘୋଷଣା



ନୂଆଦିଲ୍ଲୀ: ଆଫ୍ରିକୀୟ ଦେଶ କଙ୍ଗୋ ଓ ଉଗାଣ୍ଡାରେ ଇବୋଲାର ପ୍ରକୋପ । କେବଳ କଙ୍ଗୋରେ ୮୭ ଜଣଙ୍କ ମୃତ୍ୟୁ ଘଟିଲାଣି । ୨୪୬ଟି ସନ୍ଦିଗ୍ଧ ମାମଲା ଚିହ୍ନଟ ହୋଇଛନ୍ତି । ଭୟଙ୍କର ପ୍ରକୋପ ପରେ ଏମର୍ଜେନ୍ସୀ ଘୋଷଣା କଲା WHO । ଇବୋଲାକୁ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ସ୍ଥିତି ଘୋଷଣା କଲା ଡବ୍ଲୁଏଚ୍‌ଓ । ଶନିବାର ସୁଦ୍ଧା, ଇଟୁରିରେ ସନ୍ଦିଗ୍ଧ ଇବୋଲା ଯୋଗୁଁ ୮୦ ଜଣଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁ ତିନୋଟି ସ୍ୱାସ୍ଥ୍ୟ କ୍ଷେତ୍ରରୁ ହୋଇଛି : ବୁନିଆ, ରୱାମ୍ପାରା ଏବଂ ମୋଙ୍ଗବୱାଲୁ । ଏହି ମୃତ୍ୟୁ ମଧ୍ୟରୁ ଆଠ ଜଣଙ୍କର ପରୀକ୍ଷାଗାରରୁ ନିଶ୍ଚିତ କରାଯାଇଥିଲା, ଯେତେବେଳେ ୨୪୬ ଜଣ ସନ୍ଦିଗ୍ଧ ମାମଲା ରିପୋର୍ଟ କରାଯାଇଛି । ଆଫ୍ରିକା ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର ଅନୁଯାୟୀ, ପୂର୍ବ ପ୍ରଦେଶରେ ଏପର୍ଯ୍ୟନ୍ତ ୮୭ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୩୩୬ ଜଣ ସନ୍ଦିଗ୍ଧ ମାମଲା ଏବଂ ୧୩ ଜଣ ରିପୋର୍ଟ ହୋଇଥିବା ମାମଲା ଅନ୍ତର୍ଭୁକ୍ତ । WHO ରିପୋର୍ଟ କରିଛି ଯେ ଶୁକ୍ରବାର ଏବଂ ଶନିବାର ଉଗାଣ୍ଡାର ରାଜଧାନୀ କାମ୍ପାଲାରେ ଦୁଇଟି ପରୀକ୍ଷାଗାରରୁ ନିଶ୍ଚିତ ମାମଲା ରିପୋର୍ଟ ହୋଇଛି । ଏହି ମାମଲାଗୁଡ଼ିକର ସମ୍ପର୍କ ଥିବା ପରି ମନେ ହେଉନାହିଁ । ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି । ଏହି ବ୍ୟକ୍ତିମାନେ ଉଜଉ ରୁ ଯାତ୍ରା କରିଥିଲେ । ଉଗାଣ୍ଡାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ଏହି ମାମଲାଗୁଡ଼ିକ DRC ରୁ ଆସିଥିଲା, ଏବଂ କାମ୍ପାଲାରେ ମୃତ୍ୟୁବରଣ କରିଥିବା ରୋଗୀଙ୍କ ଶରୀରକୁ ପରେ ଉଜଉ କୁ ପଠାଯାଇଥିଲା । ସଂଯୁକ୍ତ ରାଷ୍ଟ୍ର ସ୍ୱାସ୍ଥ୍ୟ ସଂସ୍ଥା ରିପୋର୍ଟ କରିଛି ଯେ ଡିଆରସିର ରାଜଧାନୀ କିନଶାସାରେ ମଧ୍ୟ ଏକ ପରୀକ୍ଷାଗାର-ନିଶ୍ଚିତ ମାମଲା ରିପୋର୍ଟ ହୋଇଛି । ଏହି ବ୍ୟକ୍ତି ଇଟୁରିରୁ ଫେରି ଆସିଥିଲେ । ଡବ୍ଲ୍ୟୁଏଚ୍‌ଓ କହିଛି ଯେ ଏହି ପ୍ରକୋପ ମହାମାରୀ ଜରୁରୀକାଳୀନ ମାନଦଣ୍ଡ ପୂରଣ କରେ ନାହିଁ । ଆଫ୍ରିକା ସିଡିସି ଚିନ୍ତା ପ୍ରକାଶ କରିଛି ଯେ ପ୍ରଭାବିତ ଅଂଚଳଗୁଡ଼ିକ ପଡ଼ୋଶୀ ଉଗାଣ୍ଡା ଏବଂ ଦକ୍ଷିଣ ସୁଡାନ ନିକଟତର ହୋଇଥିବାରୁ ଏହି ରୋଗ ଆହୁରି ବ୍ୟାପିପାରେ । ସ୍ୱାସ୍ଥ୍ୟ କର୍ମୀମାନେ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସ୍କ୍ରିନିଂ ଏବଂ ସମ୍ପର୍କ ଟ୍ରେସିଂ ବୃଦ୍ଧି କରୁଥିବା ବେଳେ ଏଜେନ୍ସି "ସକ୍ରିୟ ସମ୍ପ୍ରଦାୟ ସଂକ୍ରମଣ" ବିଷୟରେ ମଧ୍ୟ ଚେତାବନୀ ଦେଇଛି ।

# ଓଡ଼ିଶାରେ ଅପରାଧୀ ଓ ମାଫିଆଙ୍କ ପାଇଁ କୌଣସି ସ୍ଥାନ ନାହିଁ : ଡିଜିପି



ଭୁବନେଶ୍ୱର: ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଏବଂ ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ପୋଲିସ ମହାନିର୍ଦ୍ଦେଶକ ଏକ ବଡ଼ ବୟାନ ଦେଇଛନ୍ତି । ଓଡ଼ିଶାରେ ଅପରାଧୀ ଓ ମାଫିଆଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ଡିଜିପି ସ୍ପଷ୍ଟ କରିଛନ୍ତି । ଯଦି କୌଣସି ଅପରାଧୀ ପୋଲିସ ଉପରକୁ ଆକ୍ରମଣ କରିବାକୁ କିମ୍ବା ଆଇନକୁ ହାତକୁ ନେବାକୁ ଚେଷ୍ଟା କରେ, ତେବେ ପୋଲିସ ତାର କଡ଼ା ଜବାବ ଦେବ ଏବଂ ଏନକାଉଂଟର ଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ପଛାଇବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ଡିଜିପି କହିଛନ୍ତି ଯେ, ସମାଜରେ ଶାନ୍ତି ବଜାୟ ରଖିବା ପାଇଁ ଅପରାଧୀଙ୍କ ମନରେ ପୋଲିସ ଏବଂ ଆଇନର ଭୟ ରହିବା ଅତ୍ୟନ୍ତ ଆବଶ୍ୟକ । ଯଦି କୌଣସି ଦୁର୍ଦ୍ଦାନ୍ତ ଅପରାଧୀ ପୋଲିସର ଗିରଫଦାରୀରୁ ବଂଚିବା ପାଇଁ ଗୁଳି ଚଳାଏ, ତେବେ ପୋଲିସ ନିଜର ଆତ୍ମରକ୍ଷା ଏବଂ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ପାଲଟା ଗୁଳି ଚଳାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଓଡ଼ିଶା ପୋଲିସ ଅପରାଧୀଙ୍କ ଆଗରେ ମଥାନତ କରିବ ନାହିଁ । ଆମର ନୀତି ସ୍ପଷ୍ଟ – ଅପରାଧୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି । ରାଜ୍ୟରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାର, ମାଦକ ଦ୍ରବ୍ୟ ଚୋରା ଚାଲାଣ ଏବଂ ବ୍ୟବସାୟୀଙ୍କୁ ଦାଦାବଟି ମାଗୁଥିବା ଗ୍ୟାଙ୍ଗଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି । ସଙ୍ଗଠିତ ଅପରାଧ କରୁଥିବା ମାଫିଆଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିବା ପାଇଁ ମଧ୍ୟ ପୋଲିସ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି ।

# କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସଣ୍ଡେଜ୍ ଅନ୍ ସାଇକେଲ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ପାଇଁ 'ସାଇକେଲ ଅନ୍ ସନଡ୍ରେଜ୍' ନାମକ ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରୁ ଆରମ୍ଭ ହୋଇ ବୈଭବ ୱେଲନେସ୍ ସେଂଟର ଛକ, ଉତ୍କଳ ହସ୍ପିଟାଲ୍ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ପାର୍କ ଦେଇ ପୁନର୍ବାର ବୈଭବ ୱେଲନେସ୍ ସେଂଟର ଛକରେ ଶେଷ ହୋଇଥିବା ଏହି ସାଇକେଲ ଶୋଭାଯାତ୍ରାରେ ଉଜଟର, ଉଓଝର, ଘଉଉ, 'ମାଇଁ ଭାରତ', NSS ସ୍ୱେଚ୍ଛାସେବୀ, ଓଡ଼ିଶା ସାଇକ୍ଲିଂ ଓ ପାରା ଆସୋସିଏସନ୍, ବିଭିନ୍ନ ସାଇକେଲ କ୍ଲବ୍, ସ୍ଥାନୀୟ ଜନସାଧାରଣ, ଭୁବନେଶ୍ୱର ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କ୍ରୀଡ଼ା ଛାତ୍ରବାସର ଅନ୍ତେବାସୀମାନେ ଅତ୍ୟନ୍ତ ଉତ୍ସାହର



ସହ ସାମିଲ ହୋଇଥିଲେ । ନିଜକୁ ସୁସ୍ଥ ରଖିବା ପାଇଁ ସମସ୍ତେ ମିଶି ସାଇକେଲ ଚଲାଇବା ସହ ସରକାରଙ୍କର ଏହି ପ୍ରୟାସକୁ ବହୁତ ପ୍ରଶଂସା କରିଥିଲେ । ଉଦଘାଟନ ଉତ୍ସବରେ ମାନ୍ୟବର ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଓଡ଼ିଶାର ପ୍ରଥମ ମହିଳା ସାଇକେଲ ଚାଳିକା ଶ୍ରୀମତୀ ମିନତି ମହାପାତ୍ର, ପ୍ରଖ୍ୟାତ ଅଲିମ୍ପିଆନ୍ ଶ୍ରୀମତୀ ଅନୁରାଧା ବିଶ୍ୱାଳ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଡା. ଯେଦୁଲା ବିଜୟ ପ୍ରମୁଖ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ 'ସାଇକେଲ ଅନ୍ ସନଡ୍ରେଜ୍' ଅଭିଯାନର ଶୁଭାରମ୍ଭ କରିଥିଲେ ।

# ଛାତ୍ରଛାତ୍ରୀଙ୍କ ପାଇଁ ପୁନଃ ମୂଲ୍ୟାୟନ ଫି' ହ୍ରାସ କଲା ସିବିଏସଇ



ନୂଆଦିଲ୍ଲୀ: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (CBSE) ସମ୍ପ୍ରତି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛି । କପି ଯାଂଚ ବିବାଦ ଏବଂ ମାର୍କି ସମ୍ପର୍କରେ ଉଠାଯାଇଥିବା ପ୍ରଶ୍ନ ମଧ୍ୟରେ ବୋର୍ଡ ଘୋଷଣା କରିଛି ଯେ ଛାତ୍ରଛାତ୍ରୀମାନେ ଏବେ ମାତ୍ର ୧୦୦ ଟଙ୍କାରେ ସେମାନଙ୍କର ଉତର ପତ୍ର ଦେଖିପାରିବେ । ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉତର ଖାତା ଦେଖିବା ପାଇଁ ୭୦୦ ଟଙ୍କା ଦେବାକୁ ପଡୁଥିଲା । ସେହିପରି ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ପୁନଃଯାଂଚ ପାଇଁ ପ୍ରତି ପ୍ରଶ୍ନ ପାଇଁ କେବଳ ୨୫ ଟଙ୍କା ଦେବାକୁ ପଡିବ । ଏହା ବ୍ୟତୀତ ନମ୍ବର ଭେରିଫିକେସନ୍ ୫୦୦ରୁ ୧୦୦ ଟଙ୍କା କମିଲା । CBSE ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସ୍କୁଲ ଶିକ୍ଷା ସଚିବ ସଞ୍ଜୟ କୁମାର ଅନ-ସ୍କ୍ରିନ୍ ମାର୍କିଂ (OSM) କୁ ନେଇ କହିଛନ୍ତି ଯେ, ଛାତ୍ରଛାତ୍ରୀମାନେ OSM ବିଷୟରେ ଚିନ୍ତିତ ଅଛନ୍ତି । କାରଣ କିଛି ପିଲା ଭାବୁଛନ୍ତି ଯେ ସେମାନେ ଅଧିକ ମାର୍କ ପାଇବାର ଥିଲା । ତେବେ ଙଝଗ ପ୍ରଥମେ ୨୦୧୪ରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଏହି ବର୍ଷ ଏହାକୁ ପୁନଃ ପ୍ରଚଳନ କରାଯାଇଛି । ଏହି ବ୍ୟବସ୍ଥା ବିଦେଶରେ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟ, DU ଏବଂ ଚାର୍ଟର୍ଡ ଆକାଉଂଟାଂଟ ସଂସ୍ଥା ଭଳି ପ୍ରମୁଖ ପ୍ରତିଷ୍ଠାନରେ ମଧ୍ୟ ବ୍ୟବହୃତ ହେଉଛି । CBSE ସ୍ପଷ୍ଟ କରିଛି ଯେ ଯଦି କୌଣସି ପିଲାଙ୍କର ନିଜ ମାର୍କ କିମ୍ବା ମୂଲ୍ୟାୟନ ବିଷୟରେ କୌଣସି ଚିନ୍ତା ଥାଏ, ତେବେ ସେମାନେ ସେମାନଙ୍କର ଉତର ପତ୍ରର ସ୍କାନ କପି ଦେଖିପାରିବେ ।

# ଆଇପିଏଲ-୨୦୨୬ : ଦିଲ୍ଲୀ ଆଗରେ ୧୯୪ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ରାଜସ୍ଥାନ

ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ୬୨ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ରାଜସ୍ଥାନ ରୟାଲ୍ସ ଭେଟିଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଟସ୍ ଜିଣି ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ରିୟାନ ପରାଗଙ୍କ ନେତୃତ୍ୱରେ ରାଜସ୍ଥାନ ବ୍ୟାଟିଂ କରିଥିଲା । ରିୟାନ ପରାଗ ଏବଂ ଧ୍ରୁବ ଜୁରେଲଙ୍କ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୯୩ ରନ୍ ସଂଗ୍ରହ କରିଛି । ଦିଲ୍ଲୀକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୯୪ ରନ୍‌ର ଆବଶ୍ୟକତା ଅଛି । ମିଚେଲ ଷ୍ଟାର୍କ ଦିଲ୍ଲୀ ପାଇଁ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି । ରାଜସ୍ଥାନ ପାଇଁ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଇନିଂସ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୧୯ ରନ୍‌ର ଭାଗିଦାରୀ କରିଥିଲେ । ଜୟସ୍ୱାଲ ୯ଟି ବଲ୍‌ର ସାମ୍ନା କରି ୩ଟି ଚୌକା ବଳରେ ୧୨ ରନ୍ କରିଥିଲେ । ଧ୍ରୁବ ଜୁରେଲଙ୍କ ସହିତ



ବୈଭବ ସୂର୍ଯ୍ୟବଂଶୀ ୭୦ ରନ୍‌ର ଭାଗିଦାରୀ କରିଥିଲେ । ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ । ସେ ଆଉଟ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୬ ରନ୍ ସଂଗ୍ରହ କରିଥିଲେ । ଏଥି ପାଇଁ ସେ ୨୧ଟି ବଲ୍ ଖେଳିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ କରିଥିଲେ । ଅଧିନାୟକ ରିୟାନ ପରାଗଙ୍କ ବ୍ୟକ୍ତିଗତ ସ୍କୋର ୫୧ ରନ୍ ଥିଲା । ସେ ୨୬ଟି ବଲ୍ ଖେଳି ୩ଟି ଚୌକା ଏବଂ ୫ଟି ଛକା ମାରିଥିଲେ । ଧ୍ରୁବ ଜୁରେଲ ୪୦ଟି ବଲ୍ ଖେଳି ୫ଟି ଚୌକା ଏବଂ ୨ଟି ଛକା ବଳରେ ୫୩ ରନ୍ ସଂଗ୍ରହ କରିଥିଲେ । ମଧ୍ୟକ୍ରମର ବ୍ୟାଟର ଦୋନୋଭାନ ଫେରେରିଆ ଖାତା ଖୋଲିପାରି ନଥିଲେ ।

# ପଞ୍ଜାବ କିଙ୍ଗ୍‌ସକୁ ୨୩ ରନ୍‌ରେ ପରାସ୍ତ କଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ



ନୂଆଦିଲ୍ଲୀ: ପରାଜୟରୁ ମୁକୁଳି ପାରିଲାନି ପଞ୍ଜାବ । ଆରସିବି ଠାରୁ ୨୩ ରନରେ ହାରିଛି । ୨୨୩ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ୮ ୱିକେଟରେ ୧୯୯ ରନ କରିବାରେ ସକ୍ଷମ ହୋଇଛି ଶ୍ରେୟସ ବାହିନୀ । ଦଳ ପକ୍ଷରୁ ଶଶାଙ୍କ ସିଂହ ସର୍ବାଧିକ ୫୬ ରନ କରିଛନ୍ତି । ତଥାପି ଦଳ ପରାଜୟରୁ ମୁକୁଳି ପାରିନି । RCB ପକ୍ଷରୁ ରସିଖ ସର୍ବାଧିକ ୪ ୱିକେଟ ନେଇଛନ୍ତି । ୨୨୩ ରନକୁ ପିଛା କରୁଥିବା ପଞ୍ଜାବ ପ୍ରଥମରୁ ୱିକେଟ ହରାଇଥିଲା । ଦୁଇ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ପ୍ରଭସିମରନ୍ ଏବଂ ପ୍ରିୟାଂଶ ବଡ଼ ପାଳି ଖେଳିବାରେ ବିଫଳ ହୋଇଥିଲେ । ପ୍ରଭସିମରନ୍ ୨ ରନ କରିଥିବାବେଳେ ପ୍ରିୟାଂଶ ଖାତା ଖୋଲିପାରିନଥିଲେ । ପରେ ଶ୍ରେୟସ ମାତ୍ର ୧ କରି ଆଉଟ ହୋଇଥିଲେ । ନିଜ ଦଳକୁ ଜିତାଇବା ପାଇଁ ଶଶାଙ୍କ ସିଂହ ଲଢ଼ିଥିଲେ । ସେ ଅର୍ଦ୍ଧଶତକ ହାସଲ କରିଥିଲେ । ୨୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ସହାୟତାରେ ୫୬ ରନ୍ କରିଥିଲେ । କୋପର କନୋଲି ଏବଂ ମାର୍କସ ଷ୍ଟୋଇନିସ ପ୍ରତ୍ୟେକ ୩୭ ରନ୍ ଲେଖାଏଁ ଯୋଗଦାନ ଦେଇଥିଲେ । ସୂର୍ଯ୍ୟାଂଶ ଶେଡଗେ ୩୫ ରନ୍ କରିଥିଲେ । ପଞ୍ଜାବ କିଙ୍ଗ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତି ନେଇଥିଲା । ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ୪ ୱିକେଟରେ ୨୨୨ ରନ କରିଥିଲା ବେଙ୍ଗାଲୁରୁ । ଦଳ ପକ୍ଷରୁ ଭେଙ୍କଟେଶ ଆୟର ୪୦ ବଲରୁ ୭୩ ରନର ଅପରାଜିତ ଇନିଂସ ଖେଳିଥିଲେ । ଏହାସହ ବିରାଟ କୋହଲି ୫୮ ରନ କରିଥିଲେ । ବିରାଟ ଏବଂ ପାଡିକ୍କଲ ଦଳୀୟ ସ୍କୋରକୁ ଆଗକୁ ବଢାଇଥିଲେ । ସେ ୪୫ ରନ କରିଥିବାବେଳେ ଡେଭିଡ ୨୮ ରନର ପାଳି ଖେଳିଥିଲେ । ପଞ୍ଜାବ ପକ୍ଷରୁ ବ୍ରାର ୨, ଚହଲ ଏବଂ ଅର୍ଶଦୀପ ସିଂହ ଗୋଟିଏ ଲେଖା ୱିକେଟରେ ସନ୍ତୁଷ୍ଟ ହୋଇଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**